THE KALINGA CHRONICLE
Daily Edition: R.N.I. No: ODIENG/2013/52530
Popular People's Daily of Odisha
VOL-12 ISSUE NO-154 BHUBANESWAR SATURDAY, 20 APRIL, 2024 ₹ 2.50

# CUO inaugurates two-day International Conference on "Recent Advances of Biodiversity and Agriculture for a Sustainable Future"



**Koraput,(KCN):** A two-day International Conference on "Recent Advances of Biodiversity and Agriculture for a Sustainable Future" was inaugurated on 19 April 2024 in the main campus of the University, organised by the Department of Biodiversity & Conservation of Natural Resources, CUO. Hon'ble Vice-Chancellor of the University and Chief Patron of the International Conference Prof. Chakradhar Tripathi inaugurated the Conference. Others present on the dais were Dr. Sarat Kumar Pradhan, Additional Director General, Crop Science, ICAR (Indian Council of Agricultural Research), New Delhi as the Chief Guest; Prof. Saroj Kant Barik, Former Director, NBRI (National Botanical Research Institute), Lucknow, and Professor of Botany, NEHU, Shillong; Prof. S.P. Adhikary, Former Vice-Chancellor of F.M. University and reputed Plant Scientist; Prof. Amarendra Narain Mishra, Former Vice-Chancellor of Khallikote University, Berhampur as the Guests of Honour. Prof. N.C. Panda, In-charge Registrar and Finance Officer of the University, Prof. Sharat Kumar Palita, Dean, School of Biodiversity & Conservation of Natural Resources and Chairman of the Conference, Dr. Debabrata Panda, Convener-cum-Organising Secretary of the Conference and Dr. Kakoli Banerjee, Co-convener.

Speaking on the occasion Vice-Chancellor Prof. Chakradhar Tripathi said that India and Biodiversity are interrelated to each other since the Vedic Period. In ancient times we used to conserve our biodiversity system very systematically. The world health system is deteriorating and the cause is we are not following our traditional practices. Our society always is a mixture of culture and ecology. Our perception towards ecosystem was superb, now it's time to revive our tradition. We have to revive the traditional pattern of conserving ecosystem and biodiversity and should follow the old principle of 'Live and let Live', he urged. Prof. Sharat Kumar Palita delivered the welcome address and explained the purpose of the Conference. This area is best suited to the study of biodiversity that's why this Conference is meaningful, he said. He hoped that the emergence of four new departments like Agricultural Sciences, Dairying and Animal Husbandry, Forestry Management and Supply & Chain Management will enhance the development of agriculture and allied sector in Koraput.

The Chief Guest Prof. Sarat Kumar Pradhan said that unless there is no diversity and deviation, development is not possible. So the role of conservation and diversity is important for the society. If we want to reach the Vikshit Bharat @2047, we must conserve our biodiversity, he said. India is advancing in food grain production and other allied production, but we have to utilise more resources for more production, he said. Prof. S. K. Barik delivered the Key note address on the topic "Biodiversity and Agricultural Research in India for Sustainable Development Advances and Future Agenda". In his address he described the rich agricultural heritage of India since 11 thousand years. Prof. A.N. Mishra hailed the University for organising such a befitting Conference. He hoped that this Conference Proceedings will bring fruitful results, he hoped. Prof. Adhikari told that Koraput is the best place for biodiversity research. The subject of biodiversity subject is studied nowhere in the Indian Universities. Prof. N.C. Panda said that Indian traditional system is best system in the world so far as agricultural development is concerned. He cited the example of Krishi Parashar of our ancient purana where it is mentioned about agriculture. Since then, we practise agriculture. Prof. Debabrata Panda, Convener of the Conference welcomed all the members and gave the introductory note. Dr. Kakoli Banerjee delivered the Vote of Thanks and coordinated the Inaugural programme. Others present on the occasion was Prof. V.C. Jha, Consultant Academics of CUO, Prof. M.K. Satapathy, Dr. Bologun Shamsudeen Tamiwa from Nigeria, Prof. M. Vetriventhan and other dignitaries, faculty members, students and research scholars.

On the occasion, two eminent people from Koraput were felicitated for their contribution to biodiversity conservation and agriculture in the locality. They are Shri Netrananda Lenka, a reputed agriculturist-cum-conservationist of Patraput Village, and Smt. Raimati Ghiuria for her contribution to millet conservation.

The two-day Conference will consist of five technical sessions where Professors and Scientists from Universities and research institutions within the country and outside will present papers. Faculties and research scholars of different institutions will also present their research findings through poster presentations. To highlight the importance of the Koraput region for its rich biodiversity and agricultural heritage, a Millet Exhibition was also organised with the participation of various NGOs of Koraput.

HERE . NOW
OrissaPOST



**Self-assessment**
Actor Parineeti Chopra says she is very bad at PR game which cost her a few good projects
LEISURE | P2



**Middle East escalation**
Explosions echoed over an Iranian city in what sources described as an Israeli attack, but Tehran played down the incident
INTERNATIONAL | P10



**Electric air taxis by '26**
InterGlobe Enterprises, the parent company of IndiGo, and US-based Archer Aviation will launch all-electric air taxi service in India
BUSINESS | P11



**Gukesh among leaders**
Indian Grandmaster D Gukesh secures comprehensive win over Nijat Abasov and regains share of the lead at Candidates chess meet
SPORTS | P1

VOLUME 14, ISSUE 20 | www.orissapost.com BHUBANESWAR | SATURDAY APRIL 20 2024 12 PAGES | ₹5.0

# CUO VC's thrust on preserving biodiversity

POST NEWS NETWORK

**Bhubaneswar, April 19:** A two-day International Conference on 'Recent Advances of Biodiversity and Agriculture for a Sustainable Future' organised by the Department of Biodiversity & Conservation of Natural Resources of the Central University of Odisha (CUO) began at the main campus of the university, Friday.

CUO Vice-Chancellor and chief patron of the conference Chakradhar Tripathi inaugurated the event. Others present on the dais were Sarat Kumar Pradhan, additional director general, Crop Science, Indian Council of Agricultural Research (ICAR), New Delhi as the chief guest, Saroj Kant Barik, former director of National Botanical Research Institute (NBRI), Lucknow, and Professor of Botany, NEHU, Shillong, SP Adhikary, former VC of FM University and reputable plant scientist and Amarendra Narain Mishra, former VC of Khallikote University, Berhampur and others.

Speaking on the occasion, the CUO VC said that India and biodiversity are interrelated to each other since Vedic period. "In ancient times, we used to conserve our biodiversity system very systematically. The world health system is deteriorating and the cause is we are not following our traditional practices. Our society always is a mixture of culture and ecology. Our perception towards ecosystem was superb. Now it's time to revive our tradition. We have to revive the traditional pattern of conserving ecosystem and biodiversity and should follow the old principle of 'Live and let Live'," he said.

୧୦୪ ବର୍ଷର ପ୍ରକାଶନ
ଦୈନିକ ସଂସ୍କରଣ : ଆର୍.ଏନ୍.ଆଇ ନଂ. ୪୦୦୫/୫୭
ପି.ଆର୍. ନଂ. ସିକେ(ସି)/୧୭/୨୦୨୪-୨୦୨୬
104 YEARS OF PUBLICATION
Daily Edition: R.N.I. No. 4005/57
P.R. No. CK(C)/17/2024-2026
କୋରାପୁଟ, ଶନିବାର ୨୦ ଏପ୍ରିଲ ୨୦୨୪
Koraput, Saturday 20 April 2024
ଆଜି ମେଷ ୭ ଦିନ, ୧୪୩୧ ସାଲ
ଚୈତ୍ର ୩୧ ଦିନ, ୧୯୪୬ ଶକାବ୍ଦ, ଶୁକ୍ଳପକ୍ଷ ଦ୍ୱାଦଶୀ
ଭାଗ- ୯୬ ସଂଖ୍ୟା- ୧୦୮
www.thesamaja.com
www.samajaepaper.com
www.samajalive.in
ଟ ୭.୦୦ (୧୬ ପୃଷ୍ଠା)

ସମାଜ
The Samaja
ପ୍ରତିଷ୍ଠାତା-ଉତ୍କଳମଣି ଗୋପବନ୍ଧୁ ଦାସ
PRINTED AT CUTTACK, SAMBALPUR, BALESWAR, JEYPORE

ଇନ୍ଦ୍ରିୟାଣାଂ ପୃଥଗ୍‌ଭାବଂ ଉଦୟାସ୍ତମୟୌ ଚ ଯତ୍ ।
ପୃଥଗୁତ୍ପଦ୍ୟମାନାନାଂ ମତ୍ୱା ଧୀରୋ ନ ଶୋଚତି ।।
(କଠୋପନିଷଦ୍ - ୩/୬)



ଇନ୍ଦ୍ରିୟମାନଙ୍କର ଭିନ୍ନ ଭିନ୍ନ ଭାବ ଓ ଭିନ୍ନ ଭିନ୍ନ ପ୍ରକାର ଉତ୍ପତ୍ତି ଦେଖି ଜ୍ଞାନୀ ଲୋକ ସେମାନଙ୍କର ସ୍ୱଭାବ ଜାଣିପାରନ୍ତି ଓ ଅନୁଶୋଚନା କରନ୍ତି ନାହିଁ।

# କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରେ ଅନ୍ତର୍ଜାତୀୟ ସମ୍ମିଳନୀ ଉଦ୍‌ଘାଟିତ



ସୁନାବେଡ଼ା,୧୯ ।୪(ନିପ୍ର): ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଆନୁକୂଲ୍ୟରେ ଜୈବ ବିବିଧତା ଏବଂ ପ୍ରାକୃତିକ ସମ୍ପଦ ସଂରକ୍ଷଣ ବିଭାଗ ଦ୍ୱାରା ଆୟୋଜିତ 'ସ୍ଥାୟୀ ଭବିଷ୍ୟତ ପାଇଁ ଜୈବ ବିବିଧତା ଏବଂ କୃଷିର ସାମ୍ପ୍ରତିକ ଅଗ୍ରଗତି' ଶୀର୍ଷକ ଦୁଇ ଦିନିଆ ଅନ୍ତର୍ଜାତୀୟ ସମ୍ମିଳନୀ ବିଶ୍ୱବିଦ୍ୟାଳୟରେ ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି । କୁଳପତି ତଥା ଅନ୍ତର୍ଜାତୀୟ ସମ୍ମିଳନୀର ମୁଖ୍ୟ ପୃଷ୍ଠପୋଷକ ପ୍ରଫେସର ଚକ୍ରଧର ତ୍ରିପାଠୀ ସମ୍ମିଳନୀକୁ ଉଦ୍‌ଘାଟନ କରିଥିଲେ । ଆଇସିଏଆର୍ (ଭାରତୀୟ କୃଷି ଗବେଷଣା ପରିଷଦ)ର ଫସଲ ବିଜ୍ଞାନ ବିଭାଗର ଅତିରିକ୍ତ ମହାନିର୍ଦ୍ଦେଶକ ଡଃ ଶରତ କୁମାର ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ । ଲକ୍ଷ୍ନୌ ଏନ୍‌ବିଆର୍‌ଆଇ (ନ୍ୟାସ୍‌ନାଲ ବଟାନିକାଲ ରିସର୍ଚ୍ଚ ଇନଷ୍ଟିଚ୍ୟୁଟ)ର ପୂର୍ବତନ ନିର୍ଦ୍ଦେଶକ ତଥା ଶିଳଂର ନେହୁସ୍ଥିତ ଉଦ୍ଭିଦ ବିଜ୍ଞାନ ପ୍ରଫେସର ସରୋଜକାନ୍ତ ବାରିକ, ଫକୀରମୋହନ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ଏସ୍.ପି. ଅଧିକାରୀ, ବ୍ରହ୍ମପୁର ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ଅମରେନ୍ଦ୍ର ନାରାୟଣ ମିଶ୍ର ଓ ବିଶ୍ୱବିଦ୍ୟାଳୟର ଭାରପ୍ରାପ୍ତ କୁଳସଚିବ ପ୍ରଫେସର ନରସିଂହ ଚରଣ ପଣ୍ଡା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଜୈବ ବିବିଧତା ଓ ପ୍ରାକୃତିକ ସମ୍ପଦ ସଂରକ୍ଷଣ ବିଦ୍ୟାଳୟର ଡିନ୍ ତଥା ସମ୍ମିଳନୀର ଅଧ୍ୟକ୍ଷ ପ୍ରଫେସର ଶରତ କୁମାର ପାଲିତା, ଆବାହକ ତଥା ସଂଗଠନ ସମ୍ପାଦକ ଡଃ ଦେବବ୍ରତ ପଣ୍ଡା ଓ ସହଆବାହକ ଡଃ କାକୋଲି ବାନାର୍ଜୀ ପ୍ରମୁଖ ମଞ୍ଚାସୀନ ଥିଲେ । ଏ ଅବସରରେ ବୈଦିକକାଳରୁ ଭାରତ ଓ ଜୈବବିବିଧତା ପରସ୍ପର ସହ ଜଡ଼ିତ ବୋଲି କୁଳପତି ପ୍ରଫେସର ତ୍ରିପାଠୀ କହିଥିଲେ । ପ୍ରଫେସର ଶରତ କୁମାର ପଳିତା ସ୍ୱାଗତ ଭାଷଣ ଦେବା ସହ ସମ୍ମିଳନୀର ଉଦ୍ଦେଶ୍ୟ ବର୍ଣ୍ଣନା କରିଥିଲେ । ବିଶ୍ୱବିଦ୍ୟାଳୟରେ କୃଷି ବିଜ୍ଞାନ, ଦୁଗ୍ଧ ଓ ପଶୁପାଳନ, ଜଙ୍ଗଲ ପରିଚାଳନା ଏବଂ ଯୋଗାଣ ଓ ଶୃଙ୍ଖଳା ପରିଚାଳନା ଭଳି ୪ଟି ନୂତନ ବିଭାଗର ଆବିର୍ଭାବ କୋରାପୁଟରେ କୃଷି ଓ ଆନୁଷଙ୍ଗିକ କ୍ଷେତ୍ରର ବିକାଶରେ ସହାୟକ ହେବ ବୋଲି ସେ ଆଶାବ୍ୟକ୍ତ କରିଥିଲେ । ମୁଖ୍ୟ ଅତିଥି ପ୍ରଫେସର ପ୍ରଧାନ କହିଥିଲେ, ବିବିଧତା ଓ ବିଭ୍ରାଟ ନଥିଲେ ବିକାଶ ସମ୍ଭବ ନୁହେଁ । 'ନିରନ୍ତର ବିକାଶ ଅଗ୍ରଗତି ଏବଂ ଭବିଷ୍ୟତ ଏଜେଣ୍ଡା ପାଇଁ ଭାରତରେ ଜୈବ ବିବିଧତା ଏବଂ କୃଷି ଗବେଷଣା' ଶୀର୍ଷକ ଆଲୋଚନାଚକ୍ରରେ ପ୍ରଫେସର ଏସ୍.କେ.ବାରିକ ତାଙ୍କ ଅଭିଭାଷଣରେ ୧୧ ହଜାର ବର୍ଷର ଭାରତର ସମୃଦ୍ଧ କୃଷି ଐତିହ୍ୟ ବିଷୟରେ ବର୍ଣ୍ଣନା କରିଥିଲେ । ପ୍ରଫେସର ମିଶ୍ର ଏଭଳି ଏକ ଉପଯୁକ୍ତ ସମ୍ମିଳନୀ ଆୟୋଜନ କରିଥିବାରୁ ବିଶ୍ୱବିଦ୍ୟାଳୟକୁ ପ୍ରଶଂସା କରିଥିଲେ । ଜୈବ ବିବିଧତା ଗବେଷଣା ପାଇଁ କୋରାପୁଟ ହେଉଛି ସର୍ବୋତ୍ତମ ସ୍ଥାନ ବୋଲି ପ୍ରଫେସର ଅଧିକାରୀ କହିଥିଲେ । କୃଷିବିକାଶ କ୍ଷେତ୍ରରେ ଭାରତୀୟ ପାରମ୍ପରିକ ବ୍ୟବସ୍ଥା ବିଶ୍ୱର ଶ୍ରେଷ୍ଠ ବ୍ୟବସ୍ଥା ବୋଲି ପ୍ରଫେସର ପଣ୍ଡା କହିଥିଲେ । ଆବାହକ ପ୍ରଫେସର ଦେବବ୍ରତ ପଣ୍ଡା ସମସ୍ତ ଅତିଥିଙ୍କୁ ସ୍ୱାଗତ କରିବା ସହ ପ୍ରାରମ୍ଭିକ ବିବରଣୀ ପ୍ରଦାନ କରିଥିଲେ । ଡଃ ବାନାର୍ଜୀ ଧନ୍ୟବାଦ ଅର୍ପଣ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବିଶ୍ୱବିଦ୍ୟାଳୟର ପରାମର୍ଶଦାତା ଶିକ୍ଷାବିତ୍ ପ୍ରଫେସର ଭି.ସି.ଝା, ପ୍ରଫେସର ଏମ୍.କେ.ଶତପଥୀ, ନାଇଜେରିଆର ଡଃ.ବୋଲଗୁନ ଶାମସୁଦିନ ଟାମିୱା, ପ୍ରଫେସର ଏମ୍ ଭେଟ୍ରିଭେଲ୍ଲାନଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି, ଅଧ୍ୟାପକ, ଛାତ୍ରଛାତ୍ରୀ ଓ ଗବେଷକ ଉପସ୍ଥିତ ଥିଲେ । ଏ ଅବସରରେ ପାତ୍ରପୁଟ ଗ୍ରାମର ବିଶିଷ୍ଟ କୃଷକ ସହସଂରକ୍ଷକ ନେତ୍ରାନନ୍ଦ ଲେଙ୍କା ଓ ବାଜରା ସଂରକ୍ଷଣ କ୍ଷେତ୍ରରେ ଅବଦାନ ପାଇଁ ରାଇମତି ଘିଉରିଆଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । କୋରାପୁଟର ସମୃଦ୍ଧ ଜୈବ ବିବିଧତା ଏବଂ କୃଷି ଐତିହ୍ୟ ପାଇଁ କୋରାପୁଟର ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପକ୍ଷରୁ ଏକ ମାଣ୍ଡିଆ ପ୍ରଦର୍ଶନୀ ମଧ୍ୟ ଆୟୋଜନ କରାଯାଇବା ଜନସମ୍ପର୍କ ଅଧିକାରୀ ଡଃ ଫଗୁନାଥ ଭୋଇ କହିଛନ୍ତି ।

THE SAKALA
Jeypore - 20 Apr 2024 - Page 10

## ଦୁଇଦିନିଆ ଅନ୍ତର୍ଜାତୀୟ ସମ୍ମିଳନୀ ଉଦ୍‌ଘାଟିତ

# 'ପାରମ୍ପରିକ ପଦ୍ଧତିର ପୁନରୁଦ୍ଧାର ଓ ପ୍ରାଚୀନ ଶୈଳୀ ଦ୍ୱାରା ଜୈବବିବିଧତା ସଂରକ୍ଷଣ ସମ୍ଭବ'

**କୋରାପୁଟ, ୧୯।୪(ସମିସ):** ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଆନୁକୂଲ୍ୟରେ ଜୈବ ବିବିଧତା ଏବଂ ପ୍ରାକୃତିକ ସମ୍ପଦ ସଂରକ୍ଷଣ ବିଭାଗ ଦ୍ୱାରା ଆୟୋଜିତ 'ସ୍ଥାୟୀ ଭବିଷ୍ୟତ ପାଇଁ ଜୈବବିବିଧତା ଏବଂ କୃଷିର ସାମ୍ପ୍ରତିକ ଅଗ୍ରଗତି' ଶୀର୍ଷକ ଦୁଇଦିନିଆ ଅନ୍ତର୍ଜାତୀୟ ସମ୍ମିଳନୀ ବିଶ୍ୱବିଦ୍ୟାଳୟର ମୁଖ୍ୟ କ୍ୟାମ୍ପସରେ ଉଦଘାଟିତ ହୋଇଛି। କୁଳପତି ତଥା ଅନ୍ତର୍ଜାତୀୟ ସମ୍ମିଳନୀର ମୁଖ୍ୟ ପୃଷ୍ଠପୋଷକ ପ୍ରଫେସର ଚକ୍ରଧର ତ୍ରିପାଠୀ ସମ୍ମିଳନୀକୁ ଉଦ୍‌ଘାଟନ କରିଥିଲେ। ଆଇସିଏଆର୍ (ଭାରତୀୟ କୃଷି ଗବେଷଣା ପରିଷଦ), ନୂଆଦିଲ୍ଲୀର ଫସଲ ବିଜ୍ଞାନ ବିଭାଗର ଅତିରିକ୍ତ ମହାନିର୍ଦ୍ଦେଶକ ଡ. ଶରତ ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଲକ୍ଷ୍ନୌସ୍ଥିତ ଏନବିଆରଆଇ (ନ୍ୟାସନାଲ ବୋଟାନିକାଲ ରିସର୍ଚ୍ଚ ଇନଷ୍ଟିଚ୍ୟୁଟ)ର ପୂର୍ବତନ ନିର୍ଦ୍ଦେଶକ ତଥା ଶିଲଂର ନେହୁସ୍ଥିତ ଉଦ୍ଭିଦ ବିଜ୍ଞାନର ପ୍ରଫେସର ସରୋଜକାନ୍ତ ବାରିକ, ଏଫ୍‌ଏମ୍ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ତଥା ବିଶିଷ୍ଟ ଉଦ୍ଭିଦ ବୈଜ୍ଞାନିକ ପ୍ରଫେସର ଏସ୍.ପି. ଅଧିକାରୀ, ବ୍ରହ୍ମପୁର ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ଅମରେନ୍ଦ୍ର ନାରାୟଣ ମିଶ୍ର ଓ ବିଶ୍ୱବିଦ୍ୟାଳୟର ଭାରପ୍ରାପ୍ତ କୁଳସଚିବ ପ୍ରଫେସର ନରସିଂହ ଚରଣ ପଣ୍ଡା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଜୈବ ବିବିଧତା ଓ ପ୍ରାକୃତିକ ସମ୍ପଦ ସଂରକ୍ଷଣ ବିଦ୍ୟାଳୟର ଡିନ୍ ତଥା ସମ୍ମିଳନୀର ଅଧ୍ୟକ୍ଷ ପ୍ରଫେସର ଶରତ ପାଳିତା, ସମ୍ମିଳନୀର ଆବାହକ ତଥା ସଂଗଠନ ସମ୍ପାଦକ ଡ. ଦେବବ୍ରତ ପଣ୍ଡା ଓ ସହଆବାହକ ଡ. କାକୋଲି ବାନାର୍ଜୀ ପ୍ରମୁଖ ମଞ୍ଚାସୀନ ଥିଲେ। କୁଳପତି ପ୍ରଫେସର ଚକ୍ରଧର ତ୍ରିପାଠୀ କହିଥିଲେ ଯେ ଇକୋସିଷ୍ଟମ ଏବଂ ଜୈବବିବିଧତା ସଂରକ୍ଷଣର ପାରମ୍ପରିକ ଢାଞ୍ଚାକୁ ପୁନରୁଦ୍ଧାର କରିବାକୁ ହେବ ଏବଂ 'ନିଜେ ବଞ୍ଚିବା ଏବଂ ଅନ୍ୟକୁ ବଞ୍ଚିବାକୁ ଦେବା' ପ୍ରାଚୀନ ଆଦର୍ଶକୁ ଅନୁସରଣ କରିବାକୁ ହେବ ବୋଲି ସେ ପରାମର୍ଶ ଦେଇଥିଲେ।

ବିଶ୍ୱବିଦ୍ୟାଳୟରେ କୃଷି ବିଜ୍ଞାନ, ଦୁଗ୍ଧ ଓ ପଶୁପାଳନ, ଜଙ୍ଗଲ ପରିଚାଳନା ଏବଂ ଯୋଗାଣ ତଥା ଶୃଙ୍ଖଳା ପରିଚାଳନା ଭଳି ୪ଟି ନୂତନ ବିଭାଗର ଆବିର୍ଭାବ କୋରାପୁଟରେ କୃଷି ଓ ଆନୁଷଙ୍ଗିକ କ୍ଷେତ୍ରର ବିକାଶରେ ସହାୟକ ହେବ ବୋଲି ଶ୍ରୀ ପାଲିତା ଆଶା ବ୍ୟକ୍ତ କରିଥିଲେ। ଭାରତରେ ଜୈବ ବିବିଧତା ଏବଂ କୃଷି ଗବେଷଣା ଶୀର୍ଷକ ଆଲୋଚନାଚକ୍ରରେ ପ୍ରଫେସର ଏସ୍ କେ ବାରିକ ମୁଖ୍ୟ ବକ୍ତବ୍ୟ ରଖିଥିଲେ। ପ୍ରଫେସର ଅମରେନ୍ଦ୍ର ନାରାୟଣ ମିଶ୍ର ଏଭଳି ସମ୍ମିଳନୀ ଆୟୋଜନ କରିଥିବାରୁ ବିଶ୍ୱବିଦ୍ୟାଳୟକୁ ପ୍ରଶଂସା କରିଥିଲେ। ପ୍ରଫେସର ଏନ୍ ସି ପଣ୍ଡା କହିଥିଲେ ଯେ କୃଷି ବିକାଶ କ୍ଷେତ୍ରରେ ଭାରତୀୟ ପାରମ୍ପରିକ ବ୍ୟବସ୍ଥା ବିଶ୍ୱର ଶ୍ରେଷ୍ଠ ବ୍ୟବସ୍ଥା। ସମ୍ମିଳନୀର ଆବାହକ ପ୍ରଫେସର ଦେବବ୍ରତ ପଣ୍ଡା ବିବରଣୀ ପ୍ରଦାନ କରିଥିଲେ। ଡ. କାକୋଲି ବାନାର୍ଜୀ ଧନ୍ୟବାଦ ଅର୍ପଣ କରିଥିଲେ। ବିଶ୍ୱବିଦ୍ୟାଳୟର ପରାମର୍ଶଦାତା ଶିକ୍ଷାବିତ୍ ପ୍ରଫେସର ଭିସି ଝା, ପ୍ରଫେସର ଏମ୍ କେ ଶତପଥୀ, ନାଇଜେରିଆର ଡ. ବୋଲଗ୍ରନ ଶାମସୁଦିନ ଟାମିଓ୍ୱା, ପ୍ରଫେସର ଏମ୍ ଭେଟ୍ରିଭେନ୍ଥାନଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି, ଅଧ୍ୟାପକ, ଛାତ୍ରଛାତ୍ରୀ ଓ ଗବେଷକ ଉପସ୍ଥିତ ଥିଲେ। ଏହି ଅବସରରେ କୋରାପୁଟର ଦୁଇ ଜଣ ବିଶିଷ୍ଟ ବ୍ୟକ୍ତି ପାତ୍ରପୁଟ ଗ୍ରାମର ବିଶିଷ୍ଟ କୃଷକ ସହସଂରକ୍ଷକ ନେତ୍ରାନନ୍ଦ ଲେଙ୍କା ଓ ବାଜରା ସଂରକ୍ଷଣ କ୍ଷେତ୍ରରେ ଅବଦାନ ପାଇଁ ରାଇମତୀ ଘିଉରିଆଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଦୁଇଦିନିଆ ସମ୍ମିଳନୀରେ ୫ଟି ବୈଷୟିକ ଅଧିବେଶନ ଅନୁଷ୍ଠିତ ହେବାକୁ ଥିବା ବେଳେ ଶୁକ୍ରବାର କୋରାପୁଟର ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସହଯୋଗରେ ଏକ ମାଣ୍ଡିଆ ପ୍ରଦର୍ଶନୀ ସମ୍ପର୍କରେ ବିଶ୍ୱବିଦ୍ୟାଳୟର ଜନସମ୍ପର୍କ ଅଧିକାରୀ ଡ. ଫଗୁନାଥ ଭୋଇ ଜଣାଇଛନ୍ତି।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶନିବାର, ଏପ୍ରିଲ ୨୦/୨୦୨୪ (୧୪ ପୃଷ୍ଠା+ପିଲାଙ୍କ ଧରିତ୍ରୀ) Bhubaneswar, Saturday, April 20/2024 Page 14 ₹ 7.00 | RAYAGADA
୫୦ଶ ଭାଗ ୧୪୬ ସଂଖ୍ୟା www.orissakhabar.com/www.dharitri.com | Printed at Rayagada, Bhubaneswar, Sambalpur & Angul VOLUME 50 ISSUE 146 ମୂଲ୍ୟ ₹୭/-

# ସିୟୁଓରେ ଅନ୍ତର୍ଜାତୀୟ ସମ୍ମିଳନୀ ଉଦ୍‌ଘାଟିତ

କୋରାପୁଟ,୧୯।୪(ଅମିତାଭ ବେହେରା)

**ଶୀର୍ଷକ ରହିଛି 'ସ୍ଥାୟୀ ଭବିଷ୍ୟତ ପାଇଁ ଜୈବ ବିବିଧତା, କୃଷିର ସାମ୍ପ୍ରତିକ ଅଗ୍ରଗତି'**

କୋରାପୁଟ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଆନୁକୂଲ୍ୟରେ ଜୈବ ବିବିଧତା ଏବଂ ପ୍ରାକୃତିକ ସମ୍ପଦ ସଂରକ୍ଷଣ ବିଭାଗ ଦ୍ୱାରା ଆୟୋଜିତ 'ସ୍ଥାୟୀ ଭବିଷ୍ୟତ ପାଇଁ ଜୈବ ବିବିଧତା ଏବଂ କୃଷିର ସାମ୍ପ୍ରତିକ ଅଗ୍ରଗତି' ଶୀର୍ଷକ ୨ଦିନିଆ ଅନ୍ତର୍ଜାତୀୟ ସମ୍ମିଳନୀ ଶୁକ୍ରବାର ଉଦ୍‌ଘାଟିତ ହୋଇଛି। ବିଶ୍ୱବିଦ୍ୟାଳୟର ସୁନାବେଡ଼ାସ୍ଥିତ ମୁଖ୍ୟ କ୍ୟାମ୍ପସରେ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଚକ୍ରଧର ତ୍ରିପାଠୀ ସମ୍ମିଳନୀକୁ ଉଦ୍‌ଘାଟନ କରିଥିଲେ। ଭାରତୀୟ କୃଷି ଗବେଷଣା ପରିଷଦ (ଆଇସିଏଆର୍)ର ନୂଆଦିଲ୍ଲୀର ଫସଲ ବିଜ୍ଞାନ ବିଭାଗ ଅତିରିକ୍ତ ମହାନିର୍ଦ୍ଦେଶକ ଡ. ଶରତ ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଲକ୍ଷ୍ନୌସ୍ଥିତ ନ୍ୟାଶନାଲ ବଟାନିକାଲ ରିସର୍ଚ୍ଚ ଇନ୍‌ଷ୍ଟିଚ୍ୟୁଟର ପୂର୍ବତନ ନିର୍ଦ୍ଦେଶକ ପ୍ରଫେସର ସରୋଜକାନ୍ତ ବାରିକ, ଏଫଏମ୍ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ଏସ୍.ପି. ଅଧିକାରୀ, ବ୍ରହ୍ମପୁର ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ଅମରେନ୍ଦ୍ର ନାରାୟଣ ମିଶ୍ର ଓ ବିଶ୍ୱବିଦ୍ୟାଳୟର ଭାରପ୍ରାପ୍ତ କୁଳସଚିବ ପ୍ରଫେସର ନରସିଂହ ଚରଣ ପଣ୍ଡା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଜୈବ ବିବିଧତା ଓ ପ୍ରାକୃତିକ ସମ୍ପଦ ସଂରକ୍ଷଣ ବିଦ୍ୟାଳୟର ଡିନ୍ ପ୍ରଫେସର ଶରତ ପାଲିତା, ସମ୍ମିଳନୀର ଆବାହକ ଡ. ଦେବବ୍ରତ ପଣ୍ଡା ଓ ସହ ଆବାହକ ଡ. କାକୋଲି ବାନାର୍ଜୀ ପ୍ରମୁଖ ଅନ୍ୟତମ ଅତିଥି ରୂପେ ମଞ୍ଚାସୀନ ଥିଲେ। ଏହି ଅବସରରେ ଏକ ପୁସ୍ତିକାକୁ ଅତିଥିମାନେ ଉନ୍ମୋଚନ କରିଥିଲେ। କୁଳପତି ପ୍ରଫେସର ଚକ୍ରଧର ତ୍ରିପାଠୀ କହିଥିଲେ, ଏବେ ଆମ ପରମ୍ପରାକୁ ପୁନରୁଦ୍ଧାର କରିବାର ସମୟ ଆସିଛି । ଆମକୁ ଇକୋସିଷ୍ଟମ ଏବଂ ଜୈବ ବିବିଧତା ସଂରକ୍ଷଣର ପାରମ୍ପରିକ ଢାଞ୍ଚାକୁ ପୁନରୁଦ୍ଧାର କରିବାକୁ ହେବ। ନିଜେ ବଞ୍ଚି ଅନ୍ୟକୁ ବଞ୍ଚିବାକୁ ଦେବା ଆମ ପ୍ରାଚୀନ ଆଦର୍ଶକୁ ଅନୁସରଣ କରିବାକୁ ହେବ ବୋଲି କହିଥିଲେ । ପ୍ରଫେସର ଶରତ ପଳିତା ସମ୍ମିଳନୀର ଉଦ୍ଦେଶ୍ୟ ସମ୍ପର୍କରେ ମତ ରଖିଥିଲେ।




ସମ୍ମିଳନୀରେ ଅତିଥିମାନେ ପୁସ୍ତିକା ଉନ୍ମୋଚନ କରୁଛନ୍ତି।

# ଜୈବ ବିବିଧତା ଏବଂ କୃଷିର ସାମ୍ପ୍ରତିକ ଅଗ୍ରଗତି ଶୀର୍ଷକ ଦୁଇ ଦିନିଆ ଅନ୍ତର୍ଜାତୀୟ ସମ୍ମିଳନୀ ଉଦ୍‌ଘାଟିତ

ଜୟପୁର,୧୯।୪ (ଆଜିସ): ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଆନୁକୂଲ୍ୟରେ ଜୈବ ବିବିଧତା ଏବଂ ପ୍ରାକୃତିକ ସମ୍ପଦ ସଂରକ୍ଷଣ ବିଭାଗ ଦ୍ୱାରା ଆୟୋଜିତ ସ୍ଥାୟୀ ଭବିଷ୍ୟତ ପାଇଁ ଜୈବ ବିବିଧତା ଏବଂ କୃଷିର ସାମ୍ପ୍ରତିକ ଅଗ୍ରଗତି ଶୀର୍ଷକ ଦୁଇ ଦିନିଆ ଅନ୍ତର୍ଜାତୀୟ ସମ୍ମିଳନୀ ବିଶ୍ୱବିଦ୍ୟାଳୟର ମୁଖ୍ୟ କ୍ୟାମ୍ପସରେ ୧୯ ଏପ୍ରିଲ ୨୦୨୪ରେ ଉଦ୍‌ଘାଟିତ ହୋଇଯାଇଛି । ବିଶ୍ୱବିଦ୍ୟାଳୟର ମାନ୍ୟବର କୁଳପତି ତଥା ଅନ୍ତର୍ଜାତୀୟ ସମ୍ମିଳନୀର ମୁଖ୍ୟ ପୃଷ୍ଠପୋଷକ ପ୍ରଫେସର ଚକ୍ରଧର ତ୍ରିପାଠୀ ସମ୍ମିଳନୀକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆଇସିଏଆର (ଭାରତୀୟ କୃଷି ଗବେଷଣା ପରିଷଦ), ନୂଆଦିଲ୍ଲୀର ଫସଲ ବିଜ୍ଞାନ ବିଭାଗର ଅତିରିକ୍ତ ମହାନିର୍ଦ୍ଦେଶକ ଡ. ଶରତ କୁମାର ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଭଲ୍ଲୋଧ୍ରିତ ଏନବିଆରଆଇ (ନ୍ୟାସନାଲ ବୋଟାନିକାଲ ରିସର୍ଚ୍ଚ ଇନଷ୍ଟିଚ୍ୟୁଟ)ର ପୂର୍ବତନ ନିର୍ଦ୍ଦେଶକ ତଥା ଶିକ୍ଷାର ଜେଲ୍ଲଣ୍ଡିତ ଉଦ୍ଭିଦ ବିଜ୍ଞାନର ପ୍ରଫେସର ପ୍ରଫେସର ସରୋଜ କାନ୍ତ ବାରିକ ଏବଂ ଏମ୍ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ତଥା ବିଶିଷ୍ଟ ଉଦ୍ଭିଦ ବୈଜ୍ଞାନିକ ପ୍ରଫେସର ଏସ୍.ପି. ଅଧିକାରୀ, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ଅମରେନ୍ଦ୍ର ନାରାୟଣ ମିଶ୍ର ଓ ବିଶ୍ୱବିଦ୍ୟାଳୟର ଭାରପ୍ରାପ୍ତ କୁଳସଚିବ ପ୍ରଫେସର ନରସିଂହ ଚରଣ ପଣ୍ଡା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଜୈବ ବିବିଧତା ଓ ପ୍ରାକୃତିକ ସମ୍ପଦ ସଂରକ୍ଷଣ ବିଦ୍ୟାଳୟର ଡିନ୍ ତଥା ସମ୍ମିଳନୀର ଅଧ୍ୟକ୍ଷ ପ୍ରଫେସର ଶରତ




କୁମାର ପାଲିତା, ସମ୍ମିଳନୀର ଆବାହକ ତଥା ସଂଗଠନ ସମ୍ପାଦକ ଡ. ଦେବବ୍ରତ ପଣ୍ଡା ଓ ସହ-ଆବାହକ ଡ. କାଳୋଲି କାନାର୍ଜୀ ପ୍ରମୁଖ ମଞ୍ଚାସୀନ ଥିଲେ ।

ଏହି ଅବସରରେ କୁଳପତି ପ୍ରଫେସର ଚକ୍ରଧର ତ୍ରିପାଠୀ କହିଥିଲେ ଯେ ବୈଦିକ କାଳରୁ ଭାରତ ଓ ଜୈବ ବିବିଧତା ପରସ୍ପର ସହ ଜଡ଼ିତ। ପ୍ରାଚୀନ କାଳରେ ଆମେ ଆମର ଜୈବ ବିବିଧତା ବ୍ୟବସ୍ଥାକୁ ଅତି ଶୃଙ୍ଖଳିତ ଭାବେ ସଂରକ୍ଷଣ କରୁଥିଲୁ । ବିଶ୍ୱ ସ୍ୱାସ୍ଥ୍ୟ ବ୍ୟବସ୍ଥା ଉତ୍ତାପ ହେବାରେ ଲାଗିଛି ଏବଂ ଏହାର କାରଣ ହେଉଛି ଆମେ ଆମର ପାରମ୍ପରିକ ପ୍ରଥା ଅନୁସରଣ କରୁନାହୁଁ । ଆମ ସମାଜ ସବୁବେଳେ ସଂସ୍କୃତି ଓ ପରିବେଶର ମିଶ୍ରଣ । ଇକୋସିଷ୍ଟମ ପ୍ରତି ଆମର ଧାରଣା ଚମତ୍କାର ଥିଲା, ଏବେ ଆମ ପରମ୍ପରାକୁ ପୁନରୁଦ୍ଧାର କରିବାର ସମୟ ଆସିଛି । ଆମକୁ ଇକୋସିଷ୍ଟମ ଏବଂ ଜୈବ ବିବିଧତା ସଂରକ୍ଷଣର ପାରମ୍ପରିକ ଜ୍ଞାନକୁ ପୁନରୁଦ୍ଧାର କରିବାକୁ ହେବ ଏବଂ ନିଜେ ବଞ୍ଚିବା ଏବଂ ଅନ୍ୟକୁ ବଞ୍ଚିବାକୁ ଦେବା ପ୍ରାଚୀନ ଆଦର୍ଶକୁ ଅନୁସରଣ କରିବାକୁ ହେବ ବୋଲି ସେ ପରାମର୍ଶ ଦେଇଥିଲେ । ପ୍ରଫେସର ଶରତ କୁମାର ପଲିତା ସ୍ୱାଗତ ଭାଷଣ ଦେବା ସହ ସମ୍ମିଳନୀର ଉଦ୍ଦେଶ୍ୟ ବର୍ଣ୍ଣନା କରିଥିଲେ। ଜୈବ ବିବିଧତା ଅଧ୍ୟୟନ ପାଇଁ ଏହି ଅଞ୍ଚଳ ସବୁଠାରୁ ଉପଯୁକ୍ତ, ସେଥିପାଇଁ ଏହି ସମ୍ମିଳନୀ ଅର୍ଥପୂର୍ଣ୍ଣ ବୋଲି ସେ କହିଥିଲେ। ବିଶ୍ୱବିଦ୍ୟାଳୟରେ କୃଷି ବିଜ୍ଞାନ, ଦୁଗ୍ଧ ଓ ପଶୁପାଳନ, ଜଙ୍ଗଲ ପରିଚାଳନା ଏବଂ ଯୋଗାଣ ଓ ଶୃଙ୍ଖଳା ପରିଚାଳନା ଭଳି ୪ଟି ନୂତନ ବିଭାଗ ର ଆବିର୍ଭାବ କୋରାପୁଟରେ କୃଷି ଓ ଆନୁଷଙ୍ଗିକ କ୍ଷେତ୍ରର ବିକାଶରେ ସହାୟକ ହେବ ବୋଲି ସେ ଆଶା ବ୍ୟକ୍ତ କରିଥିଲେ।

ମୁଖ୍ୟ ଅତିଥି ପ୍ରଫେସର ଶରତ କୁମାର ପ୍ରଧାନ କହିଥିଲେ ଯେ ବିବିଧତା ଓ ବିଜ୍ଞାନ ନଥିଲେ ବିକାଶ ସମ୍ଭବ ନୁହେଁ। ତେଣୁ ସଂରକ୍ଷଣ ଓ ବିବିଧତାର ଭୂମିକା ସମାଜ ପାଇଁ ଗୁରୁତ୍ୱପୂର୍ଣ୍ଣ । ଯଦି ଆମେ ବିକଶିତ ଭାରତ ୨୦୪୭ରେ ପହଞ୍ଚିବାକୁ ଚାହୁଁଛୁ, ତେବେ ଆମକୁ ଆମର ଜୈବ ବିବିଧତାର ସଂରକ୍ଷଣ କରିବାକୁ ପଡ଼ିବ ବୋଲି ସେ କହିଥିଲେ । ଖାଦ୍ୟଶସ୍ୟ ଉତ୍ପାଦନ ଏବଂ ଅନ୍ୟାନ୍ୟ ଆନୁଷଙ୍ଗିକ ଉତ୍ପାଦନ କ୍ଷେତ୍ରରେ ଭାରତ ଅଗ୍ରଗତି କରୁଛି, କିନ୍ତୁ ଆମକୁ ଅଧିକ ଉତ୍ପାଦନ ପାଇଁ ଅଧିକ ସଚେତନ ବ୍ୟବହାର କରିବାକୁ ପଡ଼ିବ ବୋଲି ସେ କହିଥିଲେ । ନିରନ୍ତର ବିକାଶ ଅଗ୍ରଗତି ଏବଂ ଭବିଷ୍ୟତ ଏଜେଣ୍ଡା ପାଇଁ ଭାରତରେ ଜୈବ ବିବିଧତା ଏବଂ କୃଷି ଗବେଷଣା ଶୀର୍ଷକ ଆଲୋଚନାଚକ୍ରରେ ପ୍ରଫେସର ଏସ୍.କେ ବାରିକ ମୁଖ୍ୟ ବକ୍ତବ୍ୟ ରଖିଥିଲେ। ସେ ତାଙ୍କ ଅଭିଭାଷଣରେ ୧୧ ହଜାର ବର୍ଷର ଭାରତର ସମୃଦ୍ଧ କୃଷି ଐତିହ୍ୟ ବିଷୟରେ ବର୍ଣ୍ଣନା କରିଥିଲେ । ପ୍ରଫେସର ଅମରେନ୍ଦ୍ର ନାରାୟଣ ମିଶ୍ର ଏଭଳି ଏକ ଉପଯୁକ୍ତ ସମ୍ମିଳନୀ ଆୟୋଜନ କରିଥିବାରୁ ବିଶ୍ୱବିଦ୍ୟାଳୟକୁ ପ୍ରଶଂସା କରିଥିଲେ। ଏହି ସମ୍ମିଳନୀ ପ୍ରକ୍ରିୟା ଫଳପ୍ରଦ ଫଳାଫଳ ଆଣିବ ବୋଲି ସେ ଆଶା ବ୍ୟକ୍ତ କରିଛନ୍ତି। ଜୈବ ବିବିଧତା ଗବେଷଣା ପାଇଁ କୋରାପୁଟ ହେଉଛି ସର୍ବୋତ୍ତମ ସ୍ଥାନ ବୋଲି ପ୍ରଫେସର ଅଧିକାରୀ କହିଥିଲେ । ଜୈବ ବିବିଧତା ବିଷୟ ଭାରତୀୟ ବିଶ୍ୱବିଦ୍ୟାଳୟଗୁଡ଼ିକରେ କୌଣସି ସ୍ଥାନରେ ଉପଲବ୍ଧ ନାହିଁ । ତେଣୁ ଏ ଅଞ୍ଚଳ ତଥା ଭାରତବର୍ଷ ପାଇଁ ଏହା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ପ୍ରଫେସର ଏନ୍ ସି ପଣ୍ଡା କହିଥିଲେ ଯେ କୃଷି ବିକାଶ କ୍ଷେତ୍ରରେ ଭାରତୀୟ ପାରମ୍ପରିକ ବ୍ୟବସ୍ଥା ବିଶ୍ୱର ଶ୍ରେଷ୍ଠ ବ୍ୟବସ୍ଥା। ସେ ଆମ ପ୍ରାଚୀନ ପୁରାଣର କୃଷି ପରାଶରର ଉଦାହରଣ ଦେଇଥିଲେ ଯେଉଁଠାରେ କୃଷି ବିଷୟରେ ଉଲ୍ଲେଖ ଅଛି । ସେଥିପାଇଁ ଆମେ କାଷ୍ଠ କାର୍ଯ୍ୟ କରିଆସୁଛୁ । ସମ୍ମିଳନୀର ଆବାହକ ପ୍ରଫେସର ଦେବବ୍ରତ ପଣ୍ଡା ସମସ୍ତ ଅତିଥିଙ୍କୁ ସ୍ୱାଗତ କରିବା ସହ ପ୍ରାରମ୍ଭିକ ବିବରଣୀ ପ୍ରଦାନ କରିଥିଲେ। ଡ. କାଳୋଲି କାନାର୍ଜୀ ଧନ୍ୟବାଦ ଅର୍ପଣ କରିବା ସହ ଉଦ୍‌ଘାଟନୀ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଶ୍ୱବିଦ୍ୟାଳୟର ପରାମର୍ଶଦାତା ଶିକ୍ଷାବିତ୍ ପ୍ରଫେସର ଭିସି ଝା, ପ୍ରଫେସର ଏମ୍ କେ ଶତପଥୀ, କାଉନ୍‌ସିଲ ଆର ଡ. ବୋଲଗୁଜ ଶାମସୁଦ୍ଦିନ ଜାମିଦ୍ରା, ପ୍ରଫେସର ଏମ୍ ରେଡ୍ଡିକେଣ୍ଟନ୍ଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି, ଅଧ୍ୟାପକ, ଛାତ୍ରଛାତ୍ରୀ ଓ ଗବେଷକ ମାନେ ଉପସ୍ଥିତ ଥିଲେ। ଏହି ଅବସରରେ କୋରାପୁଟର ଦୁଇ ଜଣ ବିଶିଷ୍ଟ ବ୍ୟକ୍ତିଙ୍କୁ ସ୍ଥାନୀୟ ଅଞ୍ଚଳର ଜୈବ ବିବିଧତା ସଂରକ୍ଷଣ ଓ କୃଷି କ୍ଷେତ୍ରରେ ଅବଦାନ ପାଇଁ ସମ୍ବର୍ଦ୍ଧିତ କରାଯାଇଥିଲା। ସେମାନେ ହେଲେ ପାତ୍ରପୁଟ ଗ୍ରାମର ବିଶିଷ୍ଟ କୃଷକ-ସହ ସଂରକ୍ଷକ ଶ୍ରୀ ହେରୁକାନ୍ତ ଲେଙ୍କା ଓ ବୀଜର ସଂରକ୍ଷଣକ୍ଷେତ୍ରରେ ଅବଦାନ ପାଇଁ ଶ୍ରୀମତୀ ରାଇମତୀ ଘିଉରିଆ। ଦୁଇ ଦିନିଆ ଏହି ସମ୍ମିଳନୀରେ ୫ଟି ବୈଷୟିକ ଅଧିବେଶନ ଅନୁଷ୍ଠିତ ହେବ ଯେଉଁଥିରେ ଦେଶ ତଥା ବିଦେଶ ରେ ଥିବା ବିଶ୍ୱବିଦ୍ୟାଳୟ ଓ ଗବେଷଣା ଅନୁଷ୍ଠାନର ପ୍ରଫେସର ଓ ବୈଜ୍ଞାନିକମାନେ ପେପର ଉପସ୍ଥାପନ କରିବେ। ବିଭିନ୍ନ ଅନୁଷ୍ଠାନର ଅଧ୍ୟାପକ ଓ ଗବେଷକମାନେ ମଧ୍ୟ ପୋଷ୍ଟର ଉପସ୍ଥାପନା ମାଧ୍ୟମରେ ସେମାନଙ୍କ ଗବେଷଣା ଫଳାଫଳ ଉପସ୍ଥାପନ କରିବେ। କୋରାପୁଟର ସମୃଦ୍ଧ ଜୈବ ବିବିଧତା ଏବଂ କୃଷି ଐତିହ୍ୟ ପାଇଁ କୋରାପୁଟ ଅଞ୍ଚଳର ଗୁରୁତ୍ୱ ଉପରେ ଆଲୋକପାତ କରିବା ପାଇଁ କୋରାପୁଟର ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନର ଅଂଶଗ୍ରହଣରେ ଏକ ମାଣ୍ଡିଆ ପ୍ରଦର୍ଶନୀ ମଧ୍ୟ ଆୟୋଜନ କରାଯାଇଥିଲା ବୋଲି ବିଶ୍ୱବିଦ୍ୟାଳୟର ଜନସମ୍ପର୍କ ଅଧିକାରୀ ଡ. ଫଗୁନାଥ ଭୋଇ ଜଣାଇଛନ୍ତି ।

Orissa TODAY
For e paper : www.orissatodaynews.in email:orissa.today1@gmail.com, orissatoday08@rediffmail.com, orissatoday.business@gmail.com
THE PEOPLE'S VOICE
• Vol - 20 • Issue-259 • Bhubaneswar • 21 April 2024 • Sunday • Rs.2.00 • Pages -8 RNI NO - ODIENG/2005/16409

# International Conference at CUO concludes with an emphasis on achieving self-reliance by conserving Biodiversity and Agriculture for a Sustainable Future

Koraput, (TNB): The School of Biodiversity and Conservation of Natural Resources at the Central University of Odisha recently concluded its two-day International Conference on "Recent Advances of Biodiversity and Agriculture for a Sustainable Future" on 20 April 2024. Held at the University's main campus, the event brought together scholars and scientists to delve into critical topics surrounding biodiversity and agrobiodiversity. Key takeaways from the conference include the recognition that biodiversity and agrobiodiversity serve as vital resources crucial for both present and future generations. Experts emphasized that these resources are intricately linked to the life and livelihood of people, underscoring the need for their conservation and sustainable management.

Furthermore, discussions highlighted the role of bioprospecting in enhancing biodiversity conservation. By valuing natural resources, discovering medicinal compounds, and understanding ecosystem functions, bioprospecting can promote sustainability while ensuring fair benefits for local communities and preserving indigenous knowledge. The concept of the bio-economy, which involves sustainable economic activities utilizing biological resources, was also ex-



plored. By linking biodiversity with bioprospecting, participants noted the potential to add value to resources such as agriculture, forestry, fisheries, and biotechnology. These practices align with circular economy principles, aid environmental conservation efforts, and enhance livelihoods, ultimately contributing to the preservation of biodiversity and agrobiodiversity. The valedictory function, chaired by Hon'ble Vice-Chancellor Prof. Chakradhar Tripathi, emphasized the need for biodiversity research to uplift the economic standard of the common man, thus fostering self-reliance in the country.

Prof. S.K. Palita, Dean of the School of Biodiversity and Conservation of Natural Resources, presented the outcomes of the conference including information onpresentation of 29 research papers from invited speakers and 102 posters from research scholars. Omprakash Mahamta, Suraj Kumar Padhi and Ankita Das were adjudged first, second and third for their outstanding poster presentations. Eminent personalities, including Prof. S. P. Adhikari, former Vice-Chancellor, F.M. University, Balasore and Prof. M.K. Satapathy, former Professor of Science, Regional Institute of Education, Bhubaneswar were present, and Prof. Satapathy was felicitated for his significant contributions to biodiversity research. The Vice-Chancellor also felicitated different NGOs who participated in the Millet Exhibitions, local ayurvedic specialist and rapporteurs of the technical sessions and reserch scholars of the School of BCNR. Dr. Kakoli Banerjee, Co-convener, delivered the welcome address while Dr. Debabrata Panda, Convener, expressed gratitude to all participants, invited guests, and session chairs for the success of the International Conference.

Orissa TODAY

HERE . NOW
OrissaPOST



**Advocating meritocracy**
Actor Parineeti Chopra discusses industry challenges, urges meritocracy and stresses visibility for equal opportunities
LEISURE | P2



**More damage, deaths**
Kremlin says US House of Representatives' approval of security aid to Ukraine would lead to more damage and deaths
INTERNATIONAL | P10




**Direct tax collection surges**
India's net direct tax collections surge by a massive 17.7 per cent year-on-year to ₹19.58 crore in the fiscal year ended March 2024
BUSINESS | P11



**Gukesh shines**
D Gukesh edges close to winning the Candidates Chess tournament title with a win over Firouzja Alireza of France
SPORTS | P12

VOLUME 14, ISSUE 22 | www.orissapost.com BHUBANESWAR | MONDAY APRIL 22 2024 12 PAGES | ₹5.00

# 2-DAY INT'L CONFERENCE AT CUO KORAPUT CONCLUDES

ARINDAM GANGULY, OP

**Bhubaneswar, April 20:** The School of Biodiversity and Conservation of Natural Resources (SBCNR) at the Central University of Odisha (CUO), Koraput concluded its two-day international conference on "Recent Advances of Biodiversity and Agriculture for a Sustainable Future" Saturday.

The conference was held at the university's main campus and brought together scholars and scientists to delve into critical topics surrounding biodiversity and agro-biodiversity.

"Biodiversity and agro-biodiversity serve as vital resources crucial for both present and future generations as they are intricately linked to the life and livelihood of people," emphasised the speakers at the conference.

The conference highlighted the role of bio-prospecting in enhancing biodiversity conservation. By valuing natural resources, discovering medicinal compounds, and understanding ecosystem functions, bio-prospecting can promote sustainability while ensuring fair benefits for local communities and preserving indigenous knowledge.

The concept of the bio-economy, which involves sustainable economic activities utilising biological resources, was also explored. By linking biodiversity with bio-prospecting, participants noted the potential to add values to resources such as agriculture, forestry, fisheries, and biotechnology. These practices align with circular economy principles, aid environmental conservation efforts, and enhance livelihoods, ultimately contributing to the preservation of biodiversity and agro-biodiversity.

The valedictory function was chaired by CUO VC Chakradhar Tripathi. He emphasised the need for biodiversity research to uplift the economic standard of the common man, thus fostering self-reliance in the country.

SBCNR dean SK Palita presented a report on the conference including research paper presentations of 29 invited speakers and 102 poster presentation from research scholars.

୧୦୪ ବର୍ଷର ପ୍ରକାଶନ
ଦୈନିକ ସଂସ୍କରଣ : ଆର୍.ଏନ୍.ଆଇ ନଂ. ୪୦୦୫/୫୭
ପି.ଆର୍. ନଂ. ସିକେ(ସି)/୧୭/୨୦୨୪-୨୦୨୬
104 YEARS OF PUBLICATION
Daily Edition: R.N.I. No. 4005/57
P.R. No. CK(C)/17/2024-2026
- କୋରାପୁଟ, ରବିବାର ୨୧ ଏପ୍ରିଲ ୨୦୨୪
- Koraput, Sunday 21 April 2024
- ଆଜି ମେଷ ୮ ଦିନ, ୧୪୩୧ ସାଲ
- ବୈଶାଖ ୧ ଦିନ, ୧୯୪୫ ଶକାବ୍ଦ, ଶୁକ୍ଳପକ୍ଷ ତ୍ରୟୋଦଶୀ
- ଭାଗ- ୯୫ ସଂଖ୍ୟା- ୧୦୯
- www.thesamaja.com
www.samajaepaper.com
www.samajalive.in

ଟ ୭.୦୦ (୧୬+୮ ପୃଷ୍ଠା)

# ସମାଜ
The Samaja
ପ୍ରତିଷ୍ଠାତା-ଉତ୍କଳମଣି ଗୋପବନ୍ଧୁ ଦାସ
PRINTED AT CUTTACK, SAMBALPUR, BALESWAR, JEYPORE


ଇନ୍ଦ୍ରିୟେଭ୍ୟଃ ପରଂ ମନୋ ମନସଃ ସତ୍ତ୍ୱମୁତ୍ତମମ୍ ।
ସତ୍ତ୍ୱାଦଧି ମହାନାତ୍ମା ମହତୋଽବ୍ୟକ୍ତମୁତ୍ତମମ୍ ।।
(କଠୋପନିଷଦ୍ - ୩/୭)



ଇନ୍ଦ୍ରିୟମାନଙ୍କଠାରୁ ମନ ଶ୍ରେଷ୍ଠ ଅଟେ । ମନଠାରୁ ବୁଦ୍ଧି ଶ୍ରେଷ୍ଠ ଅଟେ । ବୁଦ୍ଧିଠାରୁ ମହାନ୍ ଆତ୍ମା ଶ୍ରେଷ୍ଠ ଅଟନ୍ତି । ଆତ୍ମାଠାରୁ ଅବ୍ୟକ୍ତ (ବ୍ରହ୍ମ) ଶ୍ରେଷ୍ଠ ଅଟନ୍ତି ।

# କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରେ ଅନ୍ତର୍ଜାତୀୟ ସମ୍ମିଳନୀ ଉଦ୍‌ଯାପିତ




ସୁନାବେଡ଼ା,୨୦।୪(ନିପ୍ର ): ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ଜୈବ ବିବିଧତା ଏବଂ ପ୍ରାକୃତିକ ସମ୍ପଦ ସଂରକ୍ଷଣ ବିଦ୍ୟାଳୟ ଆନୁକୂଲ୍ୟରେ ଆୟୋଜିତ 'ସ୍ଥାୟୀ ଭବିଷ୍ୟତ ପାଇଁ ଜୈବ ବିବିଧତା ଏବଂ କୃଷିର ସାମ୍ପ୍ରତିକ ଅଗ୍ରଗତି' ଶୀର୍ଷକ ଦୁଇଦିନିଆ ଅନ୍ତର୍ଜାତୀୟ ସମ୍ମିଳନୀ ଉଦ୍‌ଯାପିତ ହୋଇଯାଇଛି । ବିଶ୍ୱବିଦ୍ୟାଳୟ ମୁଖ୍ୟ କ୍ୟାମ୍ପସ୍‌ରେ ଆୟୋଜିତ କାର୍ଯ୍ୟକ୍ରମରେ ଦେଶ ବିଦେଶର ବୈଜ୍ଞାନିକମାନେ ଜୈବ ବିବିଧତା ଓ କୃଷି ଜୈବ ବିବିଧତା ସମ୍ପର୍କିତ ଗୁରୁତ୍ୱପୂର୍ଣ୍ଣ ବିଷୟ ଉପରେ ଆଲୋକପାତ କରିଥିଲେ । ଜୈବ ବିବିଧତା ଏବଂ କୃଷି ଜୈବ ବିବିଧତା ଉଭୟ ବର୍ତ୍ତମାନ ଏବଂ ଭବିଷ୍ୟତ ପିଢ଼ି ପାଇଁ ଗୁରୁତ୍ୱପୂର୍ଣ୍ଣ ସମ୍ବଳ ଭାବେ କାର୍ଯ୍ୟ କରେ ବୋଲି ସମ୍ମିଳନୀର ପ୍ରମୁଖ ପ୍ରସଙ୍ଗ ଅନ୍ତର୍ଭୁକ୍ତ ହୋଇଥିଲା । ସମ୍ବଳଗୁଡ଼ିକ ଲୋକଙ୍କ ଜୀବନ ଏବଂ ଜୀବିକା ସହିତ ନିବିଡ଼ ଭାବରେ ଜଡ଼ିତ । ତେଣୁ ଏହାର ସଂରକ୍ଷଣ ଏବଂ ସ୍ଥାୟୀ ପରିଚାଳନାର ଆବଶ୍ୟକତା ଉପରେ ସମ୍ମିଳନୀରେ ଉପସ୍ଥିତ ବିଶେଷଜ୍ଞମାନେ ଗୁରୁତ୍ୱାରୋପ କରିଥିଲେ । ଏ ଅବସରରେ ଜୈବ ବିବିଧତା ସଂରକ୍ଷଣ ବୃଦ୍ଧିରେ ଜୈବ ବିଜ୍ଞାନର ଭୂମିକା ଉପରେ ଆଲୋଚନା ହୋଇଥିଲା । ଜୈବ ବିବିଧତାକୁ ଜୈବ ବିଜ୍ଞାନ ସହ ଯୋଡ଼ି ଅଂଶଗ୍ରହଣକାରୀମାନେ କୃଷି, ଜଙ୍ଗଲ, ମତ୍ସ୍ୟ ଚାଷ ଏବଂ ବାୟୋଟେକ୍ନୋଲୋଜି ଭଳି ସମ୍ବଳର ମୂଲ୍ୟ ବୃଦ୍ଧି କରିବାର ସମ୍ଭାବନା ଉପରେ ଗୁରୁତ୍ୱାରୋପ କରାଯାଇଥିଲା । ଉଦ୍‌ଯାପନୀ ଉତ୍ସବରେ କୁଳପତି ତଥା ମୁଖ୍ୟ ପୃଷ୍ଠପୋଷକ ପ୍ରଫେସର ଚକ୍ରଧର ତ୍ରିପାଠୀ ଅଧ୍ୟକ୍ଷତା କରିଥିଲେ । ଜୈବ ବିବିଧତା ଉପରେ ଗବେଷଣା ସାଧାରଣ ଲୋକଙ୍କ ଅର୍ଥନୈତିକ ମାନକୁ ଉନ୍ନତ କରିବା ଦିଗରେ ହେବାଦ୍ୱାରା ଆମ ଦେଶ ଆତ୍ମନିର୍ଭରଶୀଳ ହୋଇପାରିବ ବୋଲି ପ୍ରଫେସର ତ୍ରିପାଠୀ ଅଭିଭାଷଣରେ କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବାଲେଶ୍ୱର ଏଫ୍‌ଏମ୍ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ଏସ୍.ପି.ଅଧିକାରୀ ଓ ଭୁବନେଶ୍ୱର ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନର ବିଜ୍ଞାନ ବିଭାଗର ପୂର୍ବତନ ପ୍ରଫେସର ଏମ୍.କେ. ଶତପଥୀ ପ୍ରମୁଖ ଉପସ୍ଥିତ ଥିଲେ । ଜୈବ ବିବିଧତା ଓ ପ୍ରାକୃତିକ ସମ୍ପଦ ସଂରକ୍ଷଣ ବିଦ୍ୟାଳୟର ଡିନ୍ ପ୍ରଫେସର ଏସ୍ କେ ପାଲିତା ନିମନ୍ତ୍ରିତ ବକ୍ତାମାନଙ୍କର ୨୯ଟି ଗବେଷଣା ପତ୍ର ଓ ଗବେଷକ ପଣ୍ଡିତଙ୍କ ୧୦୭ଟି ପୋଷ୍ଟର ସମେତ ଫଳାଫଳ ଉପସ୍ଥାପନ କରିଥିଲେ । ଏସ୍‌ଓଏ ବିଶ୍ୱବିଦ୍ୟାଳୟର ଓମ୍ ପ୍ରକାଶ ମହାନ୍ତ, ସିୟୁଓର ଏସ୍‌ବିସିଏନ୍‌ଆର୍ ସୁରଜ କୁମାର ପାଢ଼ୀ ଏବଂ ସିଏସ୍‌ଆଇଆର୍-ଆଇଏମ୍‌ଏମଟିର ଅଙ୍କିତା ଦାସଙ୍କୁ ସେମାନଙ୍କ ଉତ୍କୃଷ୍ଟ ପୋଷ୍ଟର ଉପସ୍ଥାପନା ପାଇଁ ସମ୍ମାନିତ କରାଯାଇଥିଲା । ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ସହ ଆବାହକ ଡ. କାକୋଲି ବାନାର୍ଜୀ ସ୍ୱାଗତ ଭାଷଣ ଦେଇଥିବାବେଳେ ଆବାହକ ଡ. ଦେବବ୍ରତ ପଣ୍ଡା ସମସ୍ତ ଅଂଶଗ୍ରହଣକାରୀ, ନିମନ୍ତ୍ରିତ ବ୍ୟକ୍ତି, ବିଭିନ୍ନ ଏକାଡେମିକ ଅଧିବେଶନର ଅଧ୍ୟକ୍ଷ ଓ ସହ ଅଧ୍ୟକ୍ଷଙ୍କୁ ଧନ୍ୟବାଦ ଦେଇଥିବା ଜନସମ୍ପର୍କ ଅଧିକାରୀ ସୂଚନା ଦେଇଛନ୍ତି ।

ହେଲାନି
ଲ
ପ୍ର)
ଲ
।
ି ।
ଓ
ତୀୟ
ର୍ଥୀ ଫର୍ମ
ଲାପାଳଙ୍କ
ଆ ଯାଇଛି ।

ଧରିତ୍ରୀ 50 Years
ଧରିତ୍ରୀ
DHARITRI
ଭୁବନେଶ୍ୱର, ରବିବାର, ଏପ୍ରିଲ ୨୧/୨୦୨୪ (୧୪ ପୃଷ୍ଠା+ଛୁଟିଦିନ) Bhubaneswar, Sunday, April 21/2024 Page 14 ₹ 7.00 RAYAGADA
୫୦ଶ ଭାଗ ୧୪୭ ସଂଖ୍ୟା www.orissakhabar.com/www.dharitri.com | Printed at Rayagada, Bhubaneswar, Sambalpur & Angul VOLUME 50 ISSUE 147 ମୂଲ୍ୟ₹୭/-

# ସିୟୁଓର ଆନ୍ତର୍ଜାତିକ ସମ୍ମିଳନୀ ଉଦ୍‌ଯାପିତ

## ଶୀର୍ଷକ ଥିଲା ଭାରତର ଆତ୍ମନିର୍ଭରଶୀଳତା, ଜୈବ ଅର୍ଥନୀତି ପାଇଁ ଜୈବ ବିବିଧତା, କୃଷିର ସଂରକ୍ଷଣ ଆବଶ୍ୟକତା ଉପରେ ଗୁରୁତ୍ୱାରୋପ

କୋରାପୁଟ,୨୦।୪(ଅମିତାଭ ବେହେରା)

ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ଜୈବ ବିବିଧତା ଏବଂ ପ୍ରାକୃତିକ ସମ୍ପଦ ସଂରକ୍ଷଣ ବିଦ୍ୟାଳୟ ଅନୁକୂଲ୍ୟରେ ଆୟୋଜିତ 'ସ୍ଥାୟୀ ଭବିଷ୍ୟତ ପାଇଁ ଜୈବ ବିବିଧତା ଏବଂ କୃଷିର ସାମ୍ପ୍ରତିକ ଅଗ୍ରଗତି' ଶୀର୍ଷକ ଦୁଇ ଦିନିଆ ଆନ୍ତର୍ଜାତୀୟ ସମ୍ମିଳନୀ ଶନିବାର ଉଦ୍‌ଯାପିତ ହୋଇଯାଇଛି। ବିଶ୍ୱବିଦ୍ୟାଳୟର ମୁଖ୍ୟ କ୍ୟାମ୍ପସ ସୁନାବେଡାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଦେଶ ବିଦେଶର ବୈଜ୍ଞାନିକ ଏବଂ ବାଲେଶ୍ୱର ଏଫ୍‌ଏମ୍ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ଏସ୍‌ପି ଅଧିକାରୀ ଓ ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନର ବିଜ୍ଞାନ ବିଭାଗ ପୂର୍ବତନ ପ୍ରଫେସର ପ୍ରଫେସର ଏମ୍‌କେ ଶତପଥୀ ପ୍ରମୁଖ ଅତିଥି ରୂପେ ଉପସ୍ଥିତ ଥିଲେ। ଅତିଥିମାନେ ଭାରତର ଆତ୍ମନିର୍ଭରଶୀଳତା, ଜୈବ ଅର୍ଥନୀତି ପାଇଁ ଜୈବ ବିବିଧତା, କୃଷିର ସଂରକ୍ଷଣ ଏବଂ ଏହାର ସ୍ଥାୟୀ ପରିଚାଳନାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ଜୈବ-ଅର୍ଥନୀତିର ଧାରଣା, ଯେଉଁଥିରେ ଜୈବିକ ସମ୍ବଳର ଉପଯୋଗ କରି ସ୍ଥାୟୀ ଅର୍ଥନୈତିକ କାର୍ଯ୍ୟକଳାପ ଅନ୍ତର୍ଭୁକ୍ତ କରି ଅନୁସନ୍ଧାନ କରାଯାଇପାରିବ ବୋଲି ଅତିଥିମାନେ ପ୍ରକାଶ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ କୁଳପତି ପ୍ରଫେସର ଚକ୍ରଧର ତ୍ରିପାଠୀ ଅଧ୍ୟକ୍ଷତା କରିଥିଲେ। ଜୈବ ବିବିଧତା ଉପରେ ଗବେଷଣା ସାଧାରଣ ଲୋକଙ୍କ ଅର୍ଥନୈତିକମାନକୁ ଉନ୍ନତ କରିବା ଦିଗରେ ହେବା ଦରକାର। ତା'ହେଲେ ଆମ ଦେଶ ଆତ୍ମନିର୍ଭରଶୀଳ ହୋଇପାରିବ ବୋଲି କୁଳପତି ପ୍ରଫେସର ତ୍ରିପାଠୀ ମତ ରଖିଥିଲେ। ଜୈବ ବିବିଧତା ଗବେଷଣା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ପ୍ରଫେସର ଶତପଥୀଙ୍କୁ କୁଳପତି ସମ୍ବର୍ଦ୍ଧିତ କରିଥିଲେ। ଏହି ସମ୍ମିଳନୀରେ ଜୈବ ବିବିଧତା ଓ ପ୍ରାକୃତିକ ସମ୍ପଦ ସଂରକ୍ଷଣ ବିଦ୍ୟାଳୟର ଡିନ୍ ପ୍ରଫେସର ଏସ୍‌କେ ପାଲିତା ନିମନ୍ତ୍ରିତ ବକ୍ତାମାନଙ୍କର ୨୯ଟି ଗବେଷଣା ପତ୍ର ଉପସ୍ଥାପନ କରିଥିଲେ। ଏସ୍‌ଓଏ ବିଶ୍ୱବିଦ୍ୟାଳୟର ଓମ୍ ପ୍ରକାଶ ମହାନ୍ତ, ସିୟୁଓର ସୁରଜ ପାଢ଼ୀ ଏବଂ ଅଙ୍କିତା ଦାସଙ୍କୁ ସେମାନଙ୍କ ଉତ୍କୃଷ୍ଟ ପୋଷ୍ଟର ଉପସ୍ଥାପନା ପାଇଁ ସମ୍ମାନିତ କରାଯାଇଥିଲା।



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ।

# ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଦ୍ୱାରା ଆନ୍ତର୍ଜାତିକ ସମ୍ମିଳନୀରେ ଭାରତର ଆତ୍ମନିର୍ଭରଶୀଳତା, ଜୈବ ଅର୍ଥନୀତି ପାଇଁ ଜୈବ ବିବିଧତା ଏବଂ କୃଷିର ସଂରକ୍ଷଣ ଆବଶ୍ୟକତା ଉପରେ ଗୁରୁତ୍ୱାରୋପ

ଜୟପୁର, ୨୦।୪(ନ.ନ୍ୟୁ.ସ): ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ଜୈବ ବିବିଧତା ଏବଂ ପ୍ରାକୃତିକ ସମ୍ପଦ ସଂରକ୍ଷଣ ବିଦ୍ୟାଳୟ ଅନୁକୂଲ୍ୟରେ ଆୟୋଜିତ 'ସ୍ଥାୟୀ ଭବିଷ୍ୟତ ପାଇଁ ଜୈବ ବିବିଧତା ଏବଂ କୃଷିର ସାମ୍ପ୍ରତିକ ଅଗ୍ରଗତି' ଶୀର୍ଷକ ଦୁଇ ଦିନିଆ ଅନ୍ତର୍ଜାତୀୟ ସମ୍ମିଳନୀ ୨୦ ଏପ୍ରିଲ ୨୦୨୪ରେ ଉଦଯାପିତ ହୋଇଯାଇଛି । ବିଶ୍ୱବିଦ୍ୟାଳୟର ମୁଖ୍ୟ କ୍ୟାମ୍ପସରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଦେଶ ବିଦେଶର ବିଦ୍ୱାନ ଓ ବୈଜ୍ଞାନିକମାନେ ଜୈବ ବିବିଧତା ଓ କୃଷି ଜୈବ ବିବିଧତା ସମ୍ପର୍କିତ ଗୁରୁତ୍ୱପୂର୍ଣ୍ଣ ବିଷୟ ଉପରେ ଏହି ସମ୍ମିଳନୀ ରେ ଆଲୋକପାତ କରିଥିଲେ। ଜୈବ ବିବିଧତା ଏବଂ କୃଷି ଜୈବ ବିବିଧତା ଉଭୟ ବର୍ତ୍ତମାନ ଏବଂ ଭବିଷ୍ୟତ ପିଢ଼ି ପାଇଁ ଗୁରୁତ୍ୱପୂର୍ଣ୍ଣ ସମ୍ବଳ ଭାବରେ କାର୍ଯ୍ୟ କରେ ବୋଲି ଏହି ସମ୍ମିଳନୀର ପ୍ରମୁଖ ପ୍ରସଙ୍ଗ ଅନ୍ତର୍ଭୁକ୍ତ ହୋଇଥିଲା । ବିଶେଷଜ୍ଞମାନେ ଗୁରୁତ୍ୱାରୋପ କରିଥିଲେ ଯେ ଏହି ସମ୍ବଳଗୁଡିକ ଲୋକଙ୍କ ଜୀବନ ଏବଂ ଜୀବିକା ସହିତ ନିବିଡ ଭାବରେ ଜଡ଼ିତ। ତେଣୁ ଏହାର ସଂରକ୍ଷଣ ଏବଂ ସ୍ଥାୟୀ ପରିଚାଳନାର ଆବଶ୍ୟକତା ଉପରେ ସମ୍ମିଳନୀରେ ଗୁରୁତ୍ୱାରୋପ କରିଥିଲେ । ଏହାବ୍ୟତୀତ ଜୈବ ବିବିଧତା ସଂରକ୍ଷଣ ବୃଦ୍ଧି ରେ ଜୈବ ବିଜ୍ଞାନର ଭୂମିକା ଉପରେ ଆଲୋଚନା ହୋଇଥିଲା । ପ୍ରାକୃତିକ ସମ୍ପଦର ମୂଲ୍ୟାଙ୍କନ କରି, ଔଷଧୀୟ ଯୌଗିକ ଆବିଷ୍କାର କରି ଏବଂ ଇକୋସିଷ୍ଟମ କାର୍ଯ୍ୟକୁ ବୁଝିବା ଦ୍ୱାରା, ଜୈବପ୍ରୋସ୍ପେକ୍ଟିଂ ସ୍ଥାୟୀତାକୁ ପ୍ରୋତ୍ସାହିତ କରିପାରିବ ଏବଂ ସ୍ଥାନୀୟ ସମୁଦାୟ ପାଇଁ ଉଚିତ ଫଳାଫଳ ସୁନିଶ୍ଚିତ କରିପାରିବ ଏବଂ ସ୍ୱଦେଶୀ ଜ୍ଞାନର ସଂରକ୍ଷଣ କରିପାରିବ । ଜୈବ-ଅର୍ଥନୀତିର ଧାରଣା, ଯେଉଁଥିରେ ଜୈବିକ ସମ୍ବଳର ଉପଯୋଗ କରି ସ୍ଥାୟୀ ଅର୍ଥନୈତିକ କାର୍ଯ୍ୟକଳାପ ଅନ୍ତର୍ଭୁକ୍ତ, ମଧ୍ୟ ଅନୁସନ୍ଧାନ କରାଯାଇଥିଲା। ଜୈବ ବିବିଧତାକୁ ଜୈବ ବିଜ୍ଞାନ ସହ ଯୋଡ଼ି ଅଂଶଗ୍ରହଣକାରୀମାନେ କୃଷି, ଜଙ୍ଗଲ, ମତ୍ସ୍ୟ ଚାଷ ଏବଂ ବାୟୋଟେକ୍ନୋଲୋଜି ଭଳି ସମ୍ବଳର ମୂଲ୍ୟ ବୃଦ୍ଧି କରିବାର ସମ୍ଭାବନା ଉପରେ ଗୁରୁତ୍ୱାରୋପ କରିଥିଲେ। ଉଦଯାପନୀ ଉତ୍ସବରେ ମାନ୍ୟବର କୁଳପତି ତଥା ମୁଖ୍ୟ ପୃଷ୍ଠପୋଷକ ପ୍ରଫେସର ଚକ୍ରଧର ତ୍ରିପାଠୀ ଅଧ୍ୟକ୍ଷତା କରିଥିଲେ। ଜୈବ ବିବିଧତା ଉପରେ ଗବେଷଣା ସାଧାରଣ ଲୋକଙ୍କ ଅର୍ଥନୈତିକ ମାନକୁ ଉନ୍ନତ କରିବା ଦିଗରେ ହେବା ଦରକାର, ତା'ହେଲେ ହିଁ ଆମ ଦେଶ ଆତ୍ମନିର୍ଭରଶୀଳ ହୋଇପାରିବ ବୋଲି କୁଳପତି ପ୍ରଫେସର ତ୍ରିପାଠୀ ତାଙ୍କ ସମାପନୀ ଅଭିଭାଷଣରେ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବାଲେଶ୍ୱର ଏଫ୍ ଏମ୍ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ଏସ୍ ପି ଆଧିକାରୀ ଓ ଭୁବନେଶ୍ୱର ସ୍ଥିତ ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନର ବିଜ୍ଞାନ ବିଭାଗର ପୂର୍ବତନ ପ୍ରଫେସର ପ୍ରଫେସର ଏମ୍ କେ ଶତପଥୀ ପ୍ରମୁଖ ଉପସ୍ଥିତ ଥିଲେ। ଜୈବ ବିବିଧତା ଓ ପ୍ରାକୃତିକ ସମ୍ପଦ ସଂରକ୍ଷଣ ବିଦ୍ୟାଳୟର ଡିନ୍ ପ୍ରଫେସର ଏସ୍ କେ ପାଲିତା ନିମନ୍ତ୍ରିତ ବକ୍ତାମାନଙ୍କ ର ୨୯ଟି ଗବେଷଣା ପତ୍ର ଓ ଗବେଷକ ପଣ୍ଡିତଙ୍କ ୧୦୨ଟି ପୋଷ୍ଟର ସମେତ ଫଳାଫଳ ଉପସ୍ଥାପନ କରିଥିଲେ। ଏସ୍‌ଓଏ ବିଶ୍ୱବିଦ୍ୟାଳୟର ଓମ୍ ପ୍ରକାଶ ମହାନ୍ତ, ସିୟୁଓର ଏସବିସିଏନଆର ସୁରଜ କୁମାର ପାଢ଼ୀ ଏବଂ ସିଏସଆଇଆର-ଆଇଏମଏମଟିର ଅଙ୍କିତା ଦାସଙ୍କୁ ସେମାନଙ୍କ ଉତ୍କୃଷ୍ଟ ପୋଷ୍ଟର ଉପସ୍ଥାପନା ପାଇଁ ସମ୍ମାନିତ କରାଯାଇଥିଲା। ଉଦଯାପନୀ କାର୍ଯ୍ୟକ୍ରମରେ ସହ- ଆବାହକ ଡ. କାକୋଲି ବାନାର୍ଜୀ ସ୍ୱାଗତ ଭାଷଣ ଦେଇଥିବା ବେଳେ ଆବାହକ ଡ. ଦେବବ୍ରତ ପଣ୍ଡା ସମସ୍ତ ଅଂଶଗ୍ରହଣକାରୀ, ନିମନ୍ତ୍ରିତ ବ୍ୟକ୍ତି, ବିଭିନ୍ନ ଏକାଡେମିକ ଅଧିବେଶନର ଅଧ୍ୟକ୍ଷ ଓ ସହ-ଅଧ୍ୟକ୍ଷଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ବୋଲି ବିଶ୍ୱବିଦ୍ୟାଳୟର ଜନସମ୍ପର୍କ ଅଧିକାରୀ ସୂଚନା ଦେଇଛନ୍ତି ।

CUO inaugurates two-day International Conference on “Recent Advances of Biodiversity and Agriculture for a Sustainable Future” – Odisha Diary, Latest Odisha News, Breaking News Odisha (orissadiary.com)

https://www.youtube.com/live/ov83bB6rlRU?si=ueX7fQc7AsKxn49d

https://sambad.in/state/uo-inaugurates-two-day-international-conference-1144184/

importance of avoiding screening, receiving exercise.

# CUO inaugurates two-day International Conference on "Recent Advances of Biodiversity and Agriculture for a Sustainable Future"



**Koraput,(KCN):** A two-day International Conference on "Recent Advances of Biodiversity and Agriculture for a Sustainable Future" was inaugurated on 19 April 2024 in the main campus of the University, organised by the Department of Biodiversity & Conservation of Natural Resources, CUO. Hon'ble Vice-Chancellor of the University and Chief Patron of the International Conference Prof. Chakradhar Tripathi inaugurated the Conference. Others present on the dais were Dr. Sarat Kumar Pradhan, Additional Director General, Crop Science, ICAR (Indian Council of Agricultural Research), New Delhi as the Chief Guest; Prof. Saroj Kant Barik, Former Director, NBRI (National Botanical Research Institute), Lucknow, and Professor of Botany, NEHU, Shillong; Prof. S.P. Adhikary, Former Vice-Chancellor of F.M. University and reputed Plant Scientist; Prof. Amarendra Narain Mishra, Former Vice-Chancellor of Khallikote University, Berhampur as the Guests of Honour. Prof. N.C. Panda, In-charge Registrar and Finance Officer of the University, Prof. Sharat Kumar Palita, Dean, School of Biodiversity & Conservation of Natural Resources and Chairman of the Conference, Dr. Debabrata Panda, Convener-cum-Organising Secretary of the Conference and Dr. Kakoli Banerjee, Co-convener.

Speaking on the occasion Vice-Chancellor Prof. Chakradhar Tripathi said that India and Biodiversity are interrelated to each other since the Vedic Period. In ancient times we used to conserve our biodiversity system very systematically. The world health system is deteriorating and the cause is we are not following our traditional practices. Our society always is a mixture of culture and ecology. Our perception towards ecosystem was superb, now it's time to revive our tradition. We have to revive the traditional pattern of conserving ecosystem and biodiversity and should follow the old principle of 'Live and let Live', he urged. Prof. Sharat Kumar Palita delivered the welcome address and explained the purpose of the Conference. This area is best suited to the study of biodiversity that's why this Conference is meaningful, he said. He hoped that the emergence of four new departments like Agricultural Sciences, Dairying and Animal Husbandry, Forestry Management and Supply & Chain Management will enhance the development of agriculture and allied sector in Koraput.

The Chief Guest Prof. Sarat Kumar Pradhan said that unless there is no diversity and deviation, development is not possible. So the role of conservation and diversity is important for the society. If we want to reach the Vikshit Bharat @2047, we must conserve our biodiversity, he said. India is advancing in food grain production and other allied production, but we have to utilise more resources for more production, he said. Prof. S. K. Barik delivered the Key note address on the topic "Biodiversity and Agricultural Research in India for Sustainable Development Advances and Future Agenda". In his address he described the rich agricultural heritage of India since 11 thousand years. Prof. A.N. Mishra hailed the University for organising such a befitting Conference. He hoped that this Conference Proceedings will bring fruitful results, he hoped. Prof. Adhikari told that Koraput is the best place for biodiversity research. The subject of biodiversity subject is studied nowhere in the Indian Universities. Prof. N.C. Panda said that Indian traditional system is best system in the world so far as agricultural development is concerned. He cited the example of Krishi Parashar of our ancient purana where it is mentioned about agriculture. Since then, we practise agriculture. Prof. Debabrata Panda, Convener of the Conference welcomed all the members and gave the introductory note. Dr. Kakoli Banerjee delivered the Vote of Thanks and coordinated the Inaugural programme. Others present on the occasion was Prof. V.C. Jha, Consultant Academics of CUO, Prof. M.K. Satapathy, Dr. Bologun Shamsudeen Tamiwa from Nigeria, Prof. M. Vetriventhan and other dignitaries, faculty members, students and research scholars.

On the occasion, two eminent people from Koraput were felicitated for their contribution to biodiversity conservation and agriculture in the locality. They are Shri Netrananda Lenka, a reputed agriculturist-cum-conservationist of Patraput Village, and Smt. Raimati Ghiuria for her contribution to millet conservation.

The two-day Conference will consist of five technical sessions where Professors and Scientists from Universities and research institutions within the country and outside will present papers. Faculties and research scholars of different institutions will also present their research findings through poster presentations. To highlight the importance of the Koraput region for its rich biodiversity and agricultural heritage, a Millet Exhibition was also organised with the participation of various NGOs of Koraput.

# କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରେ ଅନ୍ତର୍ଜାତୀୟ ସମ୍ମିଳନୀ ଉଦ୍‌ଘାଟିତ



ସୁନାବେଡ଼ା,୧୯ ।୪(ନିପ୍ର): ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଆନୁକୂଲ୍ୟରେ ଜୈବ ବିବିଧତା ଏବଂ ପ୍ରାକୃତିକ ସମ୍ପଦ ସଂରକ୍ଷଣ ବିଭାଗ ଦ୍ୱାରା ଆୟୋଜିତ 'ସ୍ଥାୟୀ ଭବିଷ୍ୟତ ପାଇଁ ଜୈବ ବିବିଧତା ଏବଂ କୃଷିର ସାମ୍ପ୍ରତିକ ଅଗ୍ରଗତି' ଶୀର୍ଷକ ଦୁଇ ଦିନିଆ ଅନ୍ତର୍ଜାତୀୟ ସମ୍ମିଳନୀ ବିଶ୍ୱବିଦ୍ୟାଳୟରେ ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି । କୁଳପତି ତଥା ଅନ୍ତର୍ଜାତୀୟ ସମ୍ମିଳନୀର ମୁଖ୍ୟ ପୃଷ୍ଠପୋଷକ ପ୍ରଫେସର ଚକ୍ରଧର ତ୍ରିପାଠୀ ସମ୍ମିଳନୀକୁ ଉଦ୍‌ଘାଟନ କରିଥିଲେ । ଆଇସିଏଆର୍ (ଭାରତୀୟ କୃଷି ଗବେଷଣା ପରିଷଦ)ର ଫସଲ ବିଜ୍ଞାନ ବିଭାଗର ଅତିରିକ୍ତ ମହାନିର୍ଦ୍ଦେଶକ ଡ଼ଃ ଶରତ କୁମାର ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ । ଲକ୍ଷ୍ନୌ ଏନ୍‌ବିଆର୍‌ଆଇ (ନ୍ୟାସ୍‌ନାଲ ବଟାନିକାଲ ରିସର୍ଚ୍ଚ ଇନଷ୍ଟିଚ୍ୟୁଟ)ର ପୂର୍ବତନ ନିର୍ଦ୍ଦେଶକ ତଥା ଶିଲଂର ନେହୁସ୍ଥିତ ଉଦ୍ଭିଦ ବିଜ୍ଞାନ ପ୍ରଫେସର ସରୋଜକାନ୍ତ ବାରିକ, ଫକୀରମୋହନ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ଏସ୍.ପି. ଅଧିକାରୀ, ବ୍ରହ୍ମପୁର ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ଅମରେନ୍ଦ୍ର ନାରାୟଣ ମିଶ୍ର ଓ ବିଶ୍ୱବିଦ୍ୟାଳୟର ଭାରପ୍ରାପ୍ତ କୁଳସଚିବ ପ୍ରଫେସର ନରସିଂହ ଚରଣ ପଣ୍ଡା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଜୈବ ବିବିଧତା ଓ ପ୍ରାକୃତିକ ସମ୍ପଦ ସଂରକ୍ଷଣ ବିଦ୍ୟାଳୟର ଡିନ୍ ତଥା ସମ୍ମିଳନୀର ଅଧ୍ୟକ୍ଷ ପ୍ରଫେସର ଶରତ କୁମାର ପାଲିତା, ଆବାହକ ତଥା ସଂଗଠନ ସମ୍ପାଦକ ଡ଼ଃ ଦେବବ୍ରତ ପଣ୍ଡା ଓ ସହଆବାହକ ଡ଼ଃ କାକୋଲି ବାନାର୍ଜୀ ପ୍ରମୁଖ ମଞ୍ଚାସୀନ ଥିଲେ । ଏ ଅବସରରେ ବୈଦିକକାଳରୁ ଭାରତ ଓ ଜୈବବିବିଧତା ପରସ୍ପର ସହ ଜଡ଼ିତ ବୋଲି କୁଳପତି ପ୍ରଫେସର ତ୍ରିପାଠୀ କହିଥିଲେ । ପ୍ରଫେସର ଶରତ କୁମାର ପଳିତା ସ୍ୱାଗତ ଭାଷଣ ଦେବା ସହ ସମ୍ମିଳନୀର ଉଦ୍ଦେଶ୍ୟ ବର୍ଣ୍ଣନା କରିଥିଲେ । ବିଶ୍ୱବିଦ୍ୟାଳୟରେ କୃଷି ବିଜ୍ଞାନ, ଦୁଗ୍ଧ ଓ ପଶୁପାଳନ, ଜଙ୍ଗଲ ପରିଚାଳନା ଏବଂ ଯୋଗାଣ ଓ ଶୃଙ୍ଖଳା ପରିଚାଳନା ଭଳି ୪ଟି ନୂତନ ବିଭାଗର ଆବିର୍ଭାବ କୋରାପୁଟରେ କୃଷି ଓ ଆନୁଷଙ୍ଗିକ କ୍ଷେତ୍ରର ବିକାଶରେ ସହାୟକ ହେବ ବୋଲି ସେ ଆଶାବ୍ୟକ୍ତ କରିଥିଲେ । ମୁଖ୍ୟ ଅତିଥି ପ୍ରଫେସର ପ୍ରଧାନ କହିଥିଲେ, ବିବିଧତା ଓ ବିଭ୍ରାଟ ନଥିଲେ ବିକାଶ ସମ୍ଭବ ନୁହେଁ । 'ନିରନ୍ତର ବିକାଶ ଅଗ୍ରଗତି ଏବଂ ଭବିଷ୍ୟତ ଏଜେଣ୍ଡା ପାଇଁ ଭାରତରେ ଜୈବ ବିବିଧତା ଏବଂ କୃଷି ଗବେଷଣା' ଶୀର୍ଷକ ଆଲୋଚନାଚକ୍ରରେ ପ୍ରଫେସର ଏସ୍.କେ.ବାରିକ ତାଙ୍କ ଅଭିଭାଷଣରେ ୧୧ ହଜାର ବର୍ଷର ଭାରତର ସମୃଦ୍ଧ କୃଷି ଐତିହ୍ୟ ବିଷୟରେ ବର୍ଣ୍ଣନା କରିଥିଲେ । ପ୍ରଫେସର ମିଶ୍ର ଏଭଳି ଏକ ଉପଯୁକ୍ତ ସମ୍ମିଳନୀ ଆୟୋଜନ କରିଥିବାରୁ ବିଶ୍ୱବିଦ୍ୟାଳୟକୁ ପ୍ରଶଂସା କରିଥିଲେ । ଜୈବ ବିବିଧତା ଗବେଷଣା ପାଇଁ କୋରାପୁଟ ହେଉଛି ସର୍ବୋତ୍ତମ ସ୍ଥାନ ବୋଲି ପ୍ରଫେସର ଅଧିକାରୀ କହିଥିଲେ । କୃଷିବିକାଶ କ୍ଷେତ୍ରରେ ଭାରତୀୟ ପାରମ୍ପରିକ ବ୍ୟବସ୍ଥା ବିଶ୍ୱର ଶ୍ରେଷ୍ଠ ବ୍ୟବସ୍ଥା ବୋଲି ପ୍ରଫେସର ପଣ୍ଡା କହିଥିଲେ । ଆବାହକ ପ୍ରଫେସର ଦେବବ୍ରତ ପଣ୍ଡା ସମସ୍ତ ଅତିଥିଙ୍କୁ ସ୍ୱାଗତ କରିବା ସହ ପ୍ରାରମ୍ଭିକ ବିବରଣୀ ପ୍ରଦାନ କରିଥିଲେ । ଡ଼ଃ ବାନାର୍ଜୀ ଧନ୍ୟବାଦ ଅର୍ପଣ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବିଶ୍ୱବିଦ୍ୟାଳୟର ପରାମର୍ଶଦାତା ଶିକ୍ଷାବିତ୍ ପ୍ରଫେସର ଭି.ସି.ଝା, ପ୍ରଫେସର ଏମ୍.କେ.ଶତପଥୀ, ନାଇଜେରିଆର ଡ଼ଃ.ବୋଲଗୁନ ଶାମସୁଦ୍ଦିନ ଟାମିୱା, ପ୍ରଫେସର ଏମ୍ ଭେଟ୍ରିଭେଣ୍ଟାନଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି, ଅଧ୍ୟାପକ, ଛାତ୍ରଛାତ୍ରୀ ଓ ଗବେଷକ ଉପସ୍ଥିତ ଥିଲେ । ଏ ଅବସରରେ ପାତ୍ରପୁଟ ଗ୍ରାମର ବିଶିଷ୍ଟ କୃଷକ ସହସଂରକ୍ଷକ ନେତ୍ରାନନ୍ଦ ଲେଙ୍କା ଓ ବାଜରା ସଂରକ୍ଷଣ କ୍ଷେତ୍ରରେ ଅବଦାନ ପାଇଁ ରାଇମତି ଘିଉରିଆଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । କୋରାପୁଟର ସମୃଦ୍ଧ ଜୈବ ବିବିଧତା ଏବଂ କୃଷି ଐତିହ୍ୟ ପାଇଁ କୋରାପୁଟର ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପକ୍ଷରୁ ଏକ ମାଣ୍ଡିଆ ପ୍ରଦର୍ଶନୀ ମଧ୍ୟ ଆୟୋଜନ କରାଯାଇବା ଜନସମ୍ପର୍କ ଅଧିକାରୀ ଡ଼ଃ ଫଗୁନାଥ ଭୋଇ କହିଛନ୍ତି ।

# ସିୟୁଓରେ ଅନ୍ତର୍ଜାତୀୟ ସମ୍ମିଳନୀ ଉଦ୍‌ଘାଟିତ

**କୋରାପୁଟ,୧୯।୪(ଅମିତାଭ ବେହେରା)**

**ଶୀର୍ଷକ ରହିଛି 'ସ୍ଥାୟୀ ଭବିଷ୍ୟତ ପାଇଁ ଜୈବ ବିବିଧତା, କୃଷିର ସାମ୍ପ୍ରତିକ ଅଗ୍ରଗତି'**

କୋରାପୁଟ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଆନୁକୂଲ୍ୟରେ ଜୈବ ବିବିଧତା ଏବଂ ପ୍ରାକୃତିକ ସମ୍ପଦ ସଂରକ୍ଷଣ ବିଭାଗ ଦ୍ୱାରା ଆୟୋଜିତ 'ସ୍ଥାୟୀ ଭବିଷ୍ୟତ ପାଇଁ ଜୈବ ବିବିଧତା ଏବଂ କୃଷିର ସାମ୍ପ୍ରତିକ ଅଗ୍ରଗତି' ଶୀର୍ଷକ ୨ଦିନିଆ ଅନ୍ତର୍ଜାତୀୟ ସମ୍ମିଳନୀ ଶୁକ୍ରବାର ଉଦ୍‌ଘାଟିତ ହୋଇଛି। ବିଶ୍ୱବିଦ୍ୟାଳୟର ସୁନାବେଡ଼ାସ୍ଥିତ ମୁଖ୍ୟ କ୍ୟାମ୍ପସରେ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଚକ୍ରଧର ତ୍ରିପାଠୀ ସମ୍ମିଳନୀକୁ ଉଦ୍‌ଘାଟନ କରିଥିଲେ। ଭାରତୀୟ କୃଷି ଗବେଷଣା ପରିଷଦ (ଆଇସିଏଆର୍)ର ନୂଆଦିଲ୍ଲୀର ଫସଲ ବିଜ୍ଞାନ ବିଭାଗ ଅତିରିକ୍ତ ମହାନିର୍ଦ୍ଦେଶକ ଡ. ଶରତ ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଲକ୍ଷ୍ନୌସ୍ଥିତ ନ୍ୟାଶନାଲ ବଟାନିକାଲ ରିସର୍ଚ୍ଚ ଇନ୍‌ଷ୍ଟିଚ୍ୟୁଟର ପୂର୍ବତନ ନିର୍ଦ୍ଦେଶକ ପ୍ରଫେସର ସରୋଜକାନ୍ତ ବାରିକ, ଏଫଏମ୍ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ଏସ୍.ପି. ଅଧିକାରୀ, ବ୍ରହ୍ମପୁର ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ଅମରେନ୍ଦ୍ର ନାରାୟଣ ମିଶ୍ର ଓ ବିଶ୍ୱବିଦ୍ୟାଳୟର ଭାରପ୍ରାପ୍ତ କୁଳସଚିବ ପ୍ରଫେସର ନରସିଂହ ଚରଣ ପଣ୍ଡା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଜୈବ ବିବିଧତା ଓ ପ୍ରାକୃତିକ ସମ୍ପଦ ସଂରକ୍ଷଣ ବିଦ୍ୟାଳୟର ଡିନ୍ ପ୍ରଫେସର ଶରତ ପାଲିତା, ସମ୍ମିଳନୀର ଆବାହକ ଡ. ଦେବବ୍ରତ ପଣ୍ଡା ଓ ସହ ଆବାହକ ଡ. କାକୋଲି ବାନାର୍ଜୀ ପ୍ରମୁଖ ଅନ୍ୟତମ ଅତିଥି ରୂପେ ମଞ୍ଚାସୀନ ଥିଲେ। ଏହି ଅବସରରେ ଏକ ପୁସ୍ତିକାକୁ ଅତିଥିମାନେ ଉନ୍ମୋଚନ କରିଥିଲେ। କୁଳପତି ପ୍ରଫେସର ଚକ୍ରଧର ତ୍ରିପାଠୀ କହିଥିଲେ, ଏବେ ଆମ ପରମ୍ପରାକୁ ପୁନରୁଦ୍ଧାର କରିବାର ସମୟ ଆସିଛି। ଆମକୁ ଇକୋସିଷ୍ଟମ ଏବଂ ଜୈବ ବିବିଧତା ସଂରକ୍ଷଣର ପାରମ୍ପରିକ ଢାଞ୍ଚାକୁ ପୁନରୁଦ୍ଧାର କରିବାକୁ ହେବ। ନିଜେ ବଞ୍ଚି ଅନ୍ୟକୁ ବଞ୍ଚିବାକୁ ଦେବା ଆମ ପ୍ରାଚୀନ ଆଦର୍ଶକୁ ଅନୁସରଣ କରିବାକୁ ହେବ ବୋଲି କହିଥିଲେ। ପ୍ରଫେସର ଶରତ ପଲିତା ସମ୍ମିଳନୀର ଉଦ୍ଦେଶ୍ୟ ସମ୍ପର୍କରେ ମତ ରଖିଥିଲେ।




ସମ୍ମିଳନୀରେ ଅତିଥିମାନେ ପୁସ୍ତିକା ଉନ୍ମୋଚନ କରୁଛନ୍ତି।

# ଜୈବ ବିବିଧତା ଏବଂ କୃଷିର ସାମ୍ପ୍ରତିକ ଅଗ୍ରଗତି ଶୀର୍ଷକ ଦୁଇ ଦିନିଆ ଅନ୍ତର୍ଜାତୀୟ ସମ୍ମିଳନୀ ଉଦ୍‌ଘାଟିତ

କୋରାପୁଟ,୧୯।୪ (ଆନିସ): ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ, ଆନୁକୂଳ୍ୟରେ ଜୈବ ବିବିଧତା ଏବଂ ପ୍ରାକୃତିକ ସମ୍ପଦ ସଂରକ୍ଷଣ ବିଭାଗ ଦ୍ୱାରା ଆୟୋଜିତ ସ୍ଥାୟୀ ଭବିଷ୍ୟତ ପାଇଁ ଜୈବ ବିବିଧତା ଏବଂ କୃଷିର ସାମ୍ପ୍ରତିକ ଅଗ୍ରଗତି ଶୀର୍ଷକ ଦୁଇ ଦିନିଆ ଅନ୍ତର୍ଜାତୀୟ ସମ୍ମିଳନୀ ବିଶ୍ୱବିଦ୍ୟାଳୟର ମୁଖ୍ୟ କ୍ୟାମ୍ପସରେ ୧୯ ଏପ୍ରିଲ ୨୦୨୪ରେ ଉଦଘାଟିତ ହୋଇଯାଇଛି । ବିଶ୍ୱବିଦ୍ୟାଳୟର ମାନ୍ୟବର କୁଳପତି ତଥା ଅନ୍ତର୍ଜାତୀୟ ସମ୍ମିଳନୀର ମୁଖ୍ୟ ପୃଷ୍ଠପୋଷକ ପ୍ରଫେସର ଚକ୍ରଧର ତ୍ରିପାଠୀ ସମ୍ମିଳନୀକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆଇସିଏଆର (ଭାରତୀୟ କୃଷି ଗବେଷଣା ପରିଷଦ), ଭୁବନେଶ୍ୱରର ଫସଲ ବିଜ୍ଞାନ ବିଭାଗର ଅତିରିକ୍ତ ମହାନିର୍ଦ୍ଦେଶକ ଡ. ଶରତ କୁମାର ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଲକ୍ଷ୍ନୌସ୍ଥିତ ଏନବିଆରଆଇ (ନ୍ୟାସନାଲ ବୋଟାନିକାଲ ରିସର୍ଚ୍ଚ ଇନଷ୍ଟିଚ୍ୟୁଟ)ର ପୂର୍ବତନ ନିର୍ଦ୍ଦେଶକ ତଥା ଶିଲଙ୍ଗ ନେହୁସ୍ଥିତ ଉଦ୍ଭିଦ ବିଜ୍ଞାନର ପ୍ରଫେସର ପ୍ରଫେସର ସରୋଜ କାନ୍ତ ବାରିକ ଏନ୍ ଏମ୍ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ତଥା ବିଶିଷ୍ଟ ଉଦ୍ଭିଦ ବୈଜ୍ଞାନିକ ପ୍ରଫେସର ଏସ୍.ପି. ଅଧିକାରୀ, ବ୍ରହ୍ମପୁର ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ଅମରେନ୍ଦ୍ର ନାରାୟଣ ମିଶ୍ର ଓ ବିଶ୍ୱବିଦ୍ୟାଳୟର ଭାରପ୍ରାପ୍ତ କୁଳସଚିବ ପ୍ରଫେସର ନରସିଂହ ଚରଣ ପଣ୍ଡା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଜୈବ ବିବିଧତା ଓ ପ୍ରାକୃତିକ ସମ୍ପଦ ସଂରକ୍ଷଣ ବିଦ୍ୟାଳୟର ଡିନ୍ ତଥା ସମ୍ମିଳନୀର ଅଧ୍ୟକ୍ଷ ପ୍ରଫେସର ଶରତ




କୁମାର ପାଲିତା, ସମ୍ମିଳନୀର ଆବାହକ ତଥା ସଂଗଠନ ସମ୍ପାଦକ ଡ. ଦେବବ୍ରତ ପଣ୍ଡା ଓ ସହ-ଆବାହକ ଡ. କାକୋଲି ବାନାର୍ଜୀ ପ୍ରମୁଖ ମଞ୍ଚାସୀନ ଥିଲେ ।

ଏହି ଅବସରରେ କୁଳପତି ପ୍ରଫେସର ଚକ୍ରଧର ତ୍ରିପାଠୀ କହିଥିଲେ ଯେ ବୈଦିକ କାଳରୁ ଭାରତ ଓ ଜୈବ ବିବିଧତା ପରସ୍ପର ସହ ଜଡ଼ିତ। ପ୍ରାଚୀନ କାଳରେ ଆମେ ଆମର ଜୈବ ବିବିଧତା ବ୍ୟବସ୍ଥାକୁ ଅତି ଶୃଙ୍ଖଳିତ ଭାବେ ସଂରକ୍ଷଣ କରୁଥିଲୁ । ବିଶ୍ୱ ସ୍ୱାସ୍ଥ୍ୟ ବ୍ୟବସ୍ଥା ଖରାପ ହେବାରେ ଲାଗିଛି ଏବଂ ଏହାର କାରଣ ହେଉଛି ଆମେ ଆମର ପାରମ୍ପରିକ ପ୍ରଥା ଅନୁସରଣ କରୁନାହୁଁ । ଆମ ସମାଜ ସବୁବେଳେ ସଂସ୍କୃତି ଓ ପରିବେଶର ମିଶ୍ରଣ । ଇକୋସିଷ୍ଟମ ପ୍ରତି ଆମର ଧାରଣା ଚମତ୍କାର ଥିଲା, ଏବେ ଆମ ପରମ୍ପରାକୁ ପୁନରୁଦ୍ଧାର କରିବାର ସମୟ ଆସିଛି । ଆମକୁ ଇକୋସିଷ୍ଟମ ଏବଂ ଜୈବ ବିବିଧତା ସଂରକ୍ଷଣର ପାରମ୍ପରିକ ଜ୍ଞାନକୁ ପୁନରୁଦ୍ଧାର କରିବାକୁ ହେବ ଏବଂ ନିଜେ ବଞ୍ଚିବା ଏବଂ ଅନ୍ୟକୁ ବଞ୍ଚିବାକୁ ଦେବା ପ୍ରାଚୀନ ଆଦର୍ଶକୁ ଅନୁସରଣ କରିବାକୁ ହେବ ବୋଲି ସେ ପରାମର୍ଶ ଦେଇଥିଲେ । ପ୍ରଫେସର ଶରତ କୁମାର ପଲିତା ସ୍ୱାଗତ ଭାଷଣ ଦେବା ସହ ସମ୍ମିଳନୀର ଉଦ୍ଦେଶ୍ୟ ବର୍ଣ୍ଣନା କରିଥିଲେ। ଜୈବ ବିବିଧତା ଅଧ୍ୟୟନ ପାଇଁ ଏହି ଅଞ୍ଚଳ ସବୁଠାରୁ ଉପଯୁକ୍ତ, ସେଥିପାଇଁ ଏହି ସମ୍ମିଳନୀ ଅର୍ଥପୂର୍ଣ୍ଣ ବୋଲି ସେ କହିଥିଲେ। ବିଶ୍ୱବିଦ୍ୟାଳୟରେ କୃଷି ବିଜ୍ଞାନ, ଦୁଗ୍ଧ ଓ ପଶୁପାଳନ, ଜଙ୍ଗଲ ପରିଚାଳନା ଏବଂ ଯୋଗାଣ ଓ ଶୃଙ୍ଖଳା ପରିଚାଳନା ଭଳି ୪ଟି ନୂତନ ବିଭାଗ ର ଆବିର୍ଭାବ କୋରାପୁଟରେ କୃଷି ଓ ଆନୁଷଙ୍ଗିକ କ୍ଷେତ୍ରର ବିକାଶରେ ସହାୟକ ହେବ ବୋଲି ସେ ଆଶା ବ୍ୟକ୍ତ କରିଥିଲେ।

ମୁଖ୍ୟ ଅତିଥି ପ୍ରଫେସର ଶରତ କୁମାର ପ୍ରଧାନ କହିଥିଲେ ଯେ ବିବିଧତା ଓ ବିସ୍ତାର ନଥିଲେ ବିକାଶ ସମ୍ଭବ ନୁହେଁ। ତେଣୁ ସଂରକ୍ଷଣ ଓ ବିବିଧତାର ଭୂମିକା ସମାଜ ପାଇଁ ଗୁରୁତ୍ୱପୂର୍ଣ୍ଣ । ଯଦି ଆମେ ବିକଶିତ ଭାରତ ୨୦୪୭ରେ ପହଞ୍ଚିବାକୁ ଚାହୁଁଛୁ, ତେବେ ଆମକୁ ଆମର ଜୈବ ବିବିଧତାର ସଂରକ୍ଷଣ କରିବାକୁ ପଡ଼ିବ ବୋଲି ସେ କହିଥିଲେ । ଖାଦ୍ୟଶସ୍ୟ ଉତ୍ପାଦନ ଏବଂ ଅନ୍ୟାନ୍ୟ ଆନୁଷଙ୍ଗିକ ଉତ୍ପାଦନ କ୍ଷେତ୍ରରେ ଭାରତ ଅଗ୍ରଗତି କରୁଛି, କିନ୍ତୁ ଆମକୁ ଅଧିକ ଉତ୍ପାଦନ ପାଇଁ ଅଧିକ ସବୁଜ କୀଟନାଶକ ବ୍ୟବହାର କରିବାକୁ ପଡ଼ିବ ବୋଲି ସେ କହିଥିଲେ । ନିରନ୍ତର ବିକାଶ ଅଗ୍ରଗତି ଏବଂ ଭବିଷ୍ୟତ ଏଜେଣ୍ଡା ପାଇଁ ଭାରତରେ ଜୈବ ବିବିଧତା ଏବଂ କୃଷି ଗବେଷଣା ଶୀର୍ଷକ ଆଲୋଚନାଚକ୍ରରେ ପ୍ରଫେସର ଏସ୍ କେ ବାରିକ ମୁଖ୍ୟ ବକ୍ତବ୍ୟ ରଖିଥିଲେ। ସେ ତାଙ୍କ ଅଭିଭାଷଣରେ ୧୧ ହଜାର ବର୍ଷର ଭାରତର ସମୃଦ୍ଧ କୃଷି ଐତିହ୍ୟ ବିଷୟରେ ବର୍ଣ୍ଣନା କରିଥିଲେ । ପ୍ରଫେସର ଅମରେନ୍ଦ୍ର ନାରାୟଣ ମିଶ୍ର ଏଭଳି ଏକ ଉପଯୁକ୍ତ ସମ୍ମିଳନୀ ଆୟୋଜନ କରିଥିବାରୁ ବିଶ୍ୱବିଦ୍ୟାଳୟକୁ ପ୍ରଶଂସା କରିଥିଲେ। ଏହି ସମ୍ମିଳନୀ ପ୍ରକ୍ରିୟା ଫଳପ୍ରଦ ଫଳ ପ୍ରଦାନ କରିବ ବୋଲି ସେ ଆଶା ବ୍ୟକ୍ତ କରିଛନ୍ତି। ଜୈବ ବିବିଧତା ଗବେଷଣା ପାଇଁ କୋରାପୁଟ ହେଉଛି ସର୍ବୋତ୍ତମ ସ୍ଥାନ ବୋଲି ପ୍ରଫେସର ଅଧିକାରୀ କହିଥିଲେ । ଜୈବ ବିବିଧତା ବିଷୟ ଭାରତୀୟ ବିଶ୍ୱବିଦ୍ୟାଳୟଗୁଡ଼ିକରେ କୌଣସି ସ୍ଥାନରେ ଉପଲବ୍ଧ ନାହିଁ । ତେଣୁ ଏ ଅଞ୍ଚଳ ତଥା ଭାରତବର୍ଷ ପାଇଁ ଏହା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ପ୍ରଫେସର ଏନ୍ ସି ପଣ୍ଡା କହିଥିଲେ ଯେ କୃଷି ବିକାଶ କ୍ଷେତ୍ରରେ ଭାରତୀୟ ପାରମ୍ପରିକ ବ୍ୟବସ୍ଥା ବିଶ୍ୱର ଶ୍ରେଷ୍ଠ ବ୍ୟବସ୍ଥା। ସେ ଆମ ପ୍ରାଚୀନ ପୁରାଣର କୃଷି ପରାଶରର ଉଦାହରଣ ଦେଇଥିଲେ ଯେଉଁଠାରେ କୃଷି ବିଷୟରେ ଉଲ୍ଲେଖ ଅଛି । ସେବେଠାରୁ ଆମେ ଚାଷ କାର୍ଯ୍ୟ କରିଆସୁଛୁ । ସମ୍ମିଳନୀର ଆବାହକ ପ୍ରଫେସର ଦେବବ୍ରତ ପଣ୍ଡା ସମସ୍ତ ଅତିଥିଙ୍କୁ ସ୍ୱାଗତ କରିବା ସହ ପ୍ରାରମ୍ଭିକ ବିବରଣୀ ପ୍ରଦାନ କରିଥିଲେ। ଡ. କାକୋଲି ବାନାର୍ଜୀ ଧନ୍ୟବାଦ ଅର୍ପଣ କରିବା ସହ ଉଦ୍‌ଘାଟନୀ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଶ୍ୱବିଦ୍ୟାଳୟର ପରାମର୍ଶଦାତା ଶିକ୍ଷାବିତ୍ ପ୍ରଫେସର ଭିସି ଝା, ପ୍ରଫେସର ଏମ୍ କେ ଶତପଥୀ, ରାଇଟେକ୍ସି ଆର ଡ. ଜୋଗେଶ୍ୱର ଶାମନ୍ତସିଂହ କାମିଲ୍ଲା, ପ୍ରଫେସର ଏମ୍ ବେଙ୍କଟେଶନ୍‌ଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି, ଅଧ୍ୟାପକ, ଛାତ୍ରଛାତ୍ରୀ ଓ ଗବେଷକ ମାନେ ଉପସ୍ଥିତ ଥିଲେ। ଏହି ଅବସରରେ କୋରାପୁଟର ଦୁଇ ଜଣ ବିଶିଷ୍ଟ ବ୍ୟକ୍ତିଙ୍କୁ ସ୍ଥାନୀୟ ଅଞ୍ଚଳର ଜୈବ ବିବିଧତା ସଂରକ୍ଷଣ ଓ କୃଷି କ୍ଷେତ୍ରରେ ଅବଦାନ ପାଇଁ ସମ୍ବର୍ଦ୍ଧିତ କରାଯାଇଥିଲା। ସେମାନେ ହେଲେ ପାତ୍ରପୁଟ ଗ୍ରାମର ବିଶିଷ୍ଟ କୃଷକ-ସହ ସଂରକ୍ଷକ ଶ୍ରୀ ଦେବୁମାଦ୍ରା ଲେଙ୍କା ଓ ବାଇଗା ସଂରକ୍ଷଣକ୍ଷେତ୍ରରେ ଅବଦାନ ପାଇଁ ଶ୍ରୀମତୀ ରାଇମତୀ ଘିଉରିଆଙ୍କୁ ଦିଗିଆ। ଏହି ସମ୍ମିଳନୀରେ ୫ଟି ବୈଷୟିକ ଅଧିବେଶନ ଅନୁଷ୍ଠିତ ହେବ ଯେଉଁଥିରେ ଦେଶ ତଥା ବିଦେଶ ରେ ଥିବା ବିଶ୍ୱବିଦ୍ୟାଳୟ ଓ ଗବେଷଣା ଅନୁଷ୍ଠାନର ପ୍ରଫେସର ଓ ବୈଜ୍ଞାନିକମାନେ ପେପର ଉପସ୍ଥାପନ କରିବେ। ବିଭିନ୍ନ ଅନୁଷ୍ଠାନର ଅଧ୍ୟାପକ ଓ ଗବେଷକମାନେ ମଧ୍ୟ ପୋଷ୍ଟର ଉପସ୍ଥାପନା ମାଧ୍ୟମରେ ସେମାନଙ୍କ ଗବେଷଣା ଫଳାଫଳ ଉପସ୍ଥାପନ କରିବେ। କୋରାପୁଟର ସମୃଦ୍ଧ ଜୈବ ବିବିଧତା ଏବଂ କୃଷି ଐତିହ୍ୟ ପାଇଁ କୋରାପୁଟ ଅଞ୍ଚଳର ଗୁରୁତ୍ୱ ଉପରେ ଆଲୋକପାତ କରିବା ପାଇଁ କୋରାପୁଟର ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନର ଅଂଶଗ୍ରହଣରେ ଏକ ମାଣ୍ଡିଆ ପ୍ରଦର୍ଶନୀ ମଧ୍ୟ ଆୟୋଜନ କରାଯାଇଥିଲା ବୋଲି ବିଶ୍ୱବିଦ୍ୟାଳୟର ଜନସମ୍ପର୍କ ଅଧିକାରୀ ଡ. ଫଗୁନାଥ ଭୋଇ ଜଣାଇଛନ୍ତି ।

ସକାଳ
THE SAKALA
Jeypore - 20 Apr 2024 - Page 10

## ଦୁଇଦିନିଆ ଅନ୍ତର୍ଜାତୀୟ ସମ୍ମିଳନୀ ଉଦ୍‌ଘାଟିତ

# 'ପାରମ୍ପରିକ ପଦ୍ଧତିର ପୁନରୁଦ୍ଧାର ଓ ପ୍ରାଚୀନ ଶୈଳୀ ଦ୍ୱାରା ଜୈବବିବିଧତା ସଂରକ୍ଷଣ ସମ୍ଭବ'

**କୋରାପୁଟ, ୧୯।୪(ସମିସ):** ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଆନୁକୂଲ୍ୟରେ ଜୈବ ବିବିଧତା ଏବଂ ପ୍ରାକୃତିକ ସମ୍ପଦ ସଂରକ୍ଷଣ ବିଭାଗ ଦ୍ୱାରା ଆୟୋଜିତ 'ସ୍ଥାୟୀ ଭବିଷ୍ୟତ ପାଇଁ ଜୈବବିବିଧତା ଏବଂ କୃଷିର ସାମ୍ପ୍ରତିକ ଅଗ୍ରଗତି' ଶୀର୍ଷକ ଦୁଇଦିନିଆ ଅନ୍ତର୍ଜାତୀୟ ସମ୍ମିଳନୀ ବିଶ୍ୱବିଦ୍ୟାଳୟର ମୁଖ୍ୟ କ୍ୟାମ୍ପସରେ ଉଦଘାଟିତ ହୋଇଛି। କୁଳପତି ତଥା ଅନ୍ତର୍ଜାତୀୟ ସମ୍ମିଳନୀର ମୁଖ୍ୟ ପୃଷ୍ଠପୋଷକ ପ୍ରଫେସର ଚକ୍ରଧର ତ୍ରିପାଠୀ ସମ୍ମିଳନୀକୁ ଉଦ୍‌ଘାଟନ କରିଥିଲେ। ଆଇସିଏଆର୍ (ଭାରତୀୟ କୃଷି ଗବେଷଣା ପରିଷଦ), ନୂଆଦିଲ୍ଲୀର ଫସଲ ବିଜ୍ଞାନ ବିଭାଗର ଅତିରିକ୍ତ ମହାନିର୍ଦ୍ଦେଶକ ଡ. ଶରତ ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଲକ୍ଷ୍ନୌସ୍ଥିତ ଏନବିଆରଆଇ (ନ୍ୟାସନାଲ ବୋଟାନିକାଲ ରିସର୍ଚ୍ଚ ଇନଷ୍ଟିଚ୍ୟୁଟ)ର ପୂର୍ବତନ ନିର୍ଦ୍ଦେଶକ ତଥା ଶିଲଂର ନେହୁସ୍ଥିତ ଉଦ୍ଭିଦ ବିଜ୍ଞାନର ପ୍ରଫେସର ସରୋଜକାନ୍ତ ବାରିକ, ଏଫ୍‌ଏମ୍ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ତଥା ବିଶିଷ୍ଟ ଉଦ୍ଭିଦ ବୈଜ୍ଞାନିକ ପ୍ରଫେସର ଏସ୍.ପି. ଅଧିକାରୀ, ବ୍ରହ୍ମପୁର ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ଅମରେନ୍ଦ୍ର ନାରାୟଣ ମିଶ୍ର ଓ ବିଶ୍ୱବିଦ୍ୟାଳୟର ଭାରପ୍ରାପ୍ତ କୁଳସଚିବ ପ୍ରଫେସର ନରସିଂହ ଚରଣ ପଣ୍ଡା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଜୈବ ବିବିଧତା ଓ ପ୍ରାକୃତିକ ସମ୍ପଦ ସଂରକ୍ଷଣ ବିଦ୍ୟାଳୟର ଡିନ୍ ତଥା ସମ୍ମିଳନୀର ଅଧ୍ୟକ୍ଷ ପ୍ରଫେସର ଶରତ ପାଲିତା, ସମ୍ମିଳନୀର ଆବାହକ ତଥା ସଂଗଠନ ସମ୍ପାଦକ ଡ. ଦେବବ୍ରତ ପଣ୍ଡା ଓ ସହଆବାହକ ଡ. କାକୋଲି ବାନାର୍ଜୀ ପ୍ରମୁଖ ମଞ୍ଚାସୀନ ଥିଲେ। କୁଳପତି ପ୍ରଫେସର ଚକ୍ରଧର ତ୍ରିପାଠୀ କହିଥିଲେ ଯେ ଇକୋସିଷ୍ଟମ ଏବଂ ଜୈବବିବିଧତା ସଂରକ୍ଷଣର ପାରମ୍ପରିକ ଢାଞ୍ଚାକୁ ପୁନରୁଦ୍ଧାର କରିବାକୁ ହେବ ଏବଂ 'ନିଜେ ବଞ୍ଚିବା ଏବଂ ଅନ୍ୟକୁ ବଞ୍ଚିବାକୁ ଦେବା' ପ୍ରାଚୀନ ଆଦର୍ଶକୁ ଅନୁସରଣ କରିବାକୁ ହେବ ବୋଲି ସେ ପରାମର୍ଶ ଦେଇଥିଲେ।

ବିଶ୍ୱବିଦ୍ୟାଳୟରେ କୃଷି ବିଜ୍ଞାନ, ଦୁଗ୍ଧ ଓ ପଶୁପାଳନ, ଜଙ୍ଗଲ ପରିଚାଳନା ଏବଂ ଯୋଗାଣ ତଥା ଶୃଙ୍ଖଳା ପରିଚାଳନା ଭଳି ୪ଟି ନୂତନ ବିଭାଗର ଆବିର୍ଭାବ କୋରାପୁଟରେ କୃଷି ଓ ଆନୁଷଙ୍ଗିକ କ୍ଷେତ୍ରର ବିକାଶରେ ସହାୟକ ହେବ ବୋଲି ଶ୍ରୀ ପାଲିତା ଆଶା ବ୍ୟକ୍ତ କରିଥିଲେ। ଭାରତରେ ଜୈବ ବିବିଧତା ଏବଂ କୃଷି ଗବେଷଣା ଶୀର୍ଷକ ଆଲୋଚନାଚକ୍ରରେ ପ୍ରଫେସର ଏସ୍ କେ ବାରିକ ମୁଖ୍ୟ ବକ୍ତବ୍ୟ ରଖିଥିଲେ। ପ୍ରଫେସର ଅମରେନ୍ଦ୍ର ନାରାୟଣ ମିଶ୍ର ଏଭଳି ସମ୍ମିଳନୀ ଆୟୋଜନ କରିଥିବାରୁ ବିଶ୍ୱବିଦ୍ୟାଳୟକୁ ପ୍ରଶଂସା କରିଥିଲେ। ପ୍ରଫେସର ଏନ୍ ସି ପଣ୍ଡା କହିଥିଲେ ଯେ କୃଷି ବିକାଶ କ୍ଷେତ୍ରରେ ଭାରତୀୟ ପାରମ୍ପରିକ ବ୍ୟବସ୍ଥା ବିଶ୍ୱର ଶ୍ରେଷ୍ଠ ବ୍ୟବସ୍ଥା। ସମ୍ମିଳନୀର ଆବାହକ ପ୍ରଫେସର ଦେବବ୍ରତ ପଣ୍ଡା ବିବରଣୀ ପ୍ରଦାନ କରିଥିଲେ। ଡ. କାକୋଲି ବାନାର୍ଜୀ ଧନ୍ୟବାଦ ଅର୍ପଣ କରିଥିଲେ। ବିଶ୍ୱବିଦ୍ୟାଳୟର ପରାମର୍ଶଦାତା ଶିକ୍ଷାବିତ୍ ପ୍ରଫେସର ଭିସି ଝା, ପ୍ରଫେସର ଏମ୍ କେ ଶତପଥୀ, ନାଇଜେରିଆର ଡ. ବୋଲଗୁନ ଶାମସୁଦିନ ଟାମିଓ୍ୱା, ପ୍ରଫେସର ଏମ୍ ଭେଟ୍ରିଭେଣ୍ଟାନଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି, ଅଧ୍ୟାପକ, ଛାତ୍ରଛାତ୍ରୀ ଓ ଗବେଷକ ଉପସ୍ଥିତ ଥିଲେ। ଏହି ଅବସରରେ କୋରାପୁଟର ଦୁଇ ଜଣ ବିଶିଷ୍ଟ ବ୍ୟକ୍ତି ପାତ୍ରପୁଟ ଗ୍ରାମର ବିଶିଷ୍ଟ କୃଷକ ସହସଂରକ୍ଷକ ନେତ୍ରାନନ୍ଦ ଲେଙ୍କା ଓ ବାଜରା ସଂରକ୍ଷଣ କ୍ଷେତ୍ରରେ ଅବଦାନ ପାଇଁ ରାଇମତୀ ଘିଉରିଆଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଦୁଇଦିନିଆ ସମ୍ମିଳନୀରେ ୫ଟି ବୈଷୟିକ ଅଧିବେଶନ ଅନୁଷ୍ଠିତ ହେବାକୁ ଥିବା ବେଳେ ଶୁକ୍ରବାର କୋରାପୁଟର ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସହଯୋଗରେ ଏକ ମାଣ୍ଡିଆ ପ୍ରଦର୍ଶନୀ ସମ୍ପର୍କରେ ବିଶ୍ୱବିଦ୍ୟାଳୟର ଜନସମ୍ପର୍କ ଅଧିକାରୀ ଡ. ଫଗୁନାଥ ଭୋଇ ଜଣାଇଛନ୍ତି।

# ‘ସ୍ଥାୟୀ ଭବିଷ୍ୟତ ପାଇଁ ଜୈବ ବିବିଧତା ଏବଂ କୃଷିର ସାମ୍ପ୍ରତିକ ଅଗ୍ରଗତି’ ଶୀର୍ଷକ ଅନ୍ତର୍ଜାତୀୟ ସମ୍ମିଳନୀ ଉଦ୍‌ଘାଟିତ

ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରେ ଦୁଇ ଦିନିଆ କାର୍ଯ୍ୟକ୍ରମ

By Sambad Digital — On Apr 19, 2024

Latest | କୋରାପୁଟ | ଜିଲ୍ଲା




ସେୟାର

କୋରାପୁଟ: ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଆନୁକୂଲ୍ୟରେ ଜୈବ ବିବିଧତା ଏବଂ ପ୍ରାକୃତିକ ସମ୍ପଦ ସଂରକ୍ଷଣ ବିଭାଗ ଦ୍ୱାରା ଆୟୋଜିତ “ସ୍ଥାୟୀ ଭବିଷ୍ୟତ ପାଇଁ ଜୈବ ବିବିଧତା ଏବଂ କୃଷିର ସାମ୍ପ୍ରତିକ ଅଗ୍ରଗତି” ଶୀର୍ଷକ ଦୁଇ ଦିନିଆ ଅନ୍ତର୍ଜାତୀୟ ସମ୍ମିଳନୀ ବିଶ୍ୱବିଦ୍ୟାଳୟର ମୁଖ୍ୟ କ୍ୟାମ୍ପସରେ ୧୯ ଏପ୍ରିଲ ୨୦୨୪ରେ ଉଦଘାଟିତ ହୋଇଯାଇଛି। ବିଶ୍ୱବିଦ୍ୟାଳୟର କୁଳପତି ତଥା ଅନ୍ତର୍ଜାତୀୟ ସମ୍ମିଳନୀର ମୁଖ୍ୟ ପୃଷ୍ଠପୋଷକ ପ୍ରଫେସର ଚକ୍ରଧର ତ୍ରିପାଠୀ ସମ୍ମିଳନୀକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ କୁଳପତି ପ୍ରଫେସର ଚକ୍ରଧର ତ୍ରିପାଠୀ କହିଥିଲେ ଯେ ବୈଦିକ କାଳରୁ ଭାରତ ଓ ଜୈବ ବିବିଧତା ପରସ୍ପର ସହ ଜଡ଼ିତ। ପ୍ରାଚୀନ କାଳରେ ଆମେ ଆମର ଜୈବ ବିବିଧତା ବ୍ୟବସ୍ଥାକୁ ଅତି ଶୃଙ୍ଖଳିତ ଭାବେ ସଂରକ୍ଷଣ କରୁଥିଲୁ।

Sambad Is Now On WhatsApp

Join And Get Latest News Updates Delivered To You Via WhatsApp

JOIN NOW

ବିଶ୍ୱ ସ୍ୱାସ୍ଥ୍ୟ ବ୍ୟବସ୍ଥା ଖରାପ ହେବାରେ ଲାଗିଛି ଏବଂ ଏହାର କାରଣ ହେଉଛି ଆମେ ଆମର ପାରମ୍ପରିକ ପ୍ରଥା ଅନୁସରଣ କରୁନାହୁଁ । ଆମ ସମାଜ ସବୁବେଳେ ସଂସ୍କୃତି ଓ ପରିବେଶର ମିଶ୍ରଣ । ଇକୋସିଷ୍ଟମ ପ୍ରତି ଆମର ଧାରଣା ଚମତ୍କାର ଥିଲା, ଏବେ ଆମ ପରମ୍ପରାକୁ ପୁନରୁଦ୍ଧାର କରିବାର ସମୟ ଆସିଛି । ଆମକୁ ଇକୋସିଷ୍ଟମ ଏବଂ ଜୈବ ବିବିଧତା ସଂରକ୍ଷଣର ପାରମ୍ପରିକ ଢାଞ୍ଚାକୁ ପୁନରୁଦ୍ଧାର କରିବାକୁ ହେବ ଏବଂ ‘ନିଜେ ବଞ୍ଚିବା ଏବଂ ଅନ୍ୟକୁ ବଞ୍ଚିବାକୁ ଦେବା’ ପ୍ରାଚୀନ ଆଦର୍ଶକୁ ଅନୁସରଣ କରିବାକୁ ହେବ ବୋଲି ସେ ପରାମର୍ଶ ଦେଇଥିଲେ । ପ୍ରଫେସର ଶରତ କୁମାର ପଳିତା ସ୍ୱାଗତ ଭାଷଣ ଦେବା ସହ ସମ୍ମିଳନୀର ଉଦ୍ଦେଶ୍ୟ ବର୍ଣ୍ଣନା କରିଥିଲେ। ଜୈବ ବିବିଧତା ଅଧ୍ୟୟନ ପାଇଁ ଏହି ଅଞ୍ଚଳ ସବୁଠାରୁ ଉପଯୁକ୍ତ, ସେଥିପାଇଁ ଏହି ସମ୍ମିଳନୀ ଅର୍ଥପୂର୍ଣ୍ଣ ବୋଲି ସେ କହିଥିଲେ। ବିଶ୍ୱବିଦ୍ୟାଳୟରେ କୃଷି ବିଜ୍ଞାନ, ଦୁଗ୍ଧ ଓ ପଶୁପାଳନ, ଜଙ୍ଗଲ ପରିଚାଳନା ଏବଂ ଯୋଗାଣ ଓ ଶୃଙ୍ଖଳା ପରିଚାଳନା ଭଳି ୪ଟି ନୂତନ ବିଭାଗ ର ଆବିର୍ଭାବ କୋରାପୁଟରେ କୃଷି ଓ ଆନୁଷଙ୍ଗିକ କ୍ଷେତ୍ରର ବିକାଶରେ ସହାୟକ ହେବ ବୋଲି ସେ ଆଶା ବ୍ୟକ୍ତ କରିଥିଲେ।






ସମ୍ବନ୍ଧିତ


ଖଡ଼ିଆଲରେ କଳାବୈଶାଖୀର ତାଣ୍ଡବ: ଉପୁଡ଼ିଲା ଗଛ, ବର୍ଷାରେ ଭିଜିଲା ମାଟି
Apr 21, 2024


ବିବାହ ପୂର୍ବରୁ ସୁନିତାଙ୍କୁ ଏହି ପ୍ରଶ୍ନ ପଚାରିଥିଲେ ଅରବିନ୍ଦ...
Apr 21, 2024


୪୦ ଡିଗ୍ରି ଉପରେ ରାଜ୍ୟର ୩୦ ସହର: ବାରିପଦାରେ ପାରା ଛୁଇଁଲା ୪୪. ୬...
Apr 21, 2024


କେଜ୍ରିୱାଲଙ୍କୁ ତିହାର ଜେଲରେ ‘ଧୀର ମୃତ୍ୟୁ’ ଆଡକୁ ଠେଲି ଦିଆଯାଉଥିବା...
Apr 21, 2024


ମତଦାନ ସାରି ଫେରୁଥିବା ଯବାନଙ୍କ ବସ୍ ଓଲଟିଲା, ୧୦ ଜଣ ଆହତ
Apr 21, 2024

 କ୍ୟାଲେଣ୍ଡର୍

April 2024

| M | T | W | T | F | S | S |
|---|---|---|---|---|---|---|

ନୂଆଦିଲ୍ଲୀସ୍ଥିତ ଆଇସିଏଆର୍ (ଭାରତୀୟ କୃଷି ଗବେଷଣା ପରିଷଦ), ଫସଲ ବିଜ୍ଞାନ ବିଭାଗର ଅତିରିକ୍ତ ମହାନିର୍ଦ୍ଦେଶକ ତଥା ମୁଖ୍ୟ ଅତିଥି ପ୍ରଫେସର ଶରତ କୁମାର ପ୍ରଧାନ କହିଥିଲେ ଯେ ବିବିଧତା ଓ ବିଭ୍ରାଟ ନଥିଲେ ବିକାଶ ସମ୍ଭବ ନୁହେଁ। ତେଣୁ ସଂରକ୍ଷଣ ଓ ବିବିଧତାର ଭୂମିକା ସମାଜ ପାଇଁ ଗୁରୁତ୍ୱପୂର୍ଣ୍ଣ । ଯଦି ଆମେ ବିକଶିତ ଭାରତ @୨୦୪୭ରେ ପହଞ୍ଚିବାକୁ ଚାହୁଁଛୁ, ତେବେ ଆମକୁ ଆମର ଜୈବ ବିବିଧତାର ସଂରକ୍ଷଣ କରିବାକୁ ପଡ଼ିବ ବୋଲି ସେ କହିଥିଲେ । ଖାଦ୍ୟଶସ୍ୟ ଉତ୍ପାଦନ ଏବଂ ଅନ୍ୟାନ୍ୟ ଆନୁଷଙ୍ଗିକ ଉତ୍ପାଦନ କ୍ଷେତ୍ରରେ ଭାରତ ଅଗ୍ରଗତି କରୁଛି, କିନ୍ତୁ ଆମକୁ ଅଧିକ ଉତ୍ପାଦନ ପାଇଁ ଅଧିକ ସମ୍ବଳ ବ୍ୟବହାର କରିବାକୁ ପଡ଼ିବ ବୋଲି ସେ କହିଥିଲେ ।

"ନିରନ୍ତର ବିକାଶ ଅଗ୍ରଗତି ଏବଂ ଭବିଷ୍ୟତ ଏଜେଣ୍ଡା ପାଇଁ ଭାରତରେ ଜୈବ ବିବିଧତା ଏବଂ କୃଷି ଗବେଷଣା" ଶୀର୍ଷକ ଆଲୋଚନାଚକ୍ରରେ ଲକ୍ଷ୍ନୌସ୍ଥିତ ଏନବିଆରଆଇ (ନ୍ୟାସନାଲ ବୋଟାନିକାଲ ରିସର୍ଚ୍ଚ ଇନଷ୍ଟିଚ୍ୟୁଟ)ର ପୂର୍ବତନ ନିର୍ଦ୍ଦେଶକ ତଥା ଶିଲଙ୍ଗର ନେହୁସ୍ଥିତ ଉଦ୍ଭିଦ ବିଜ୍ଞାନର ପ୍ରଫେସର ସରୋଜ କୁମାର ବାରିକ ମୁଖ୍ୟ ବକ୍ତବ୍ୟ ରଖିଥିଲେ। ସେ ତାଙ୍କ ଅଭିଭାଷଣରେ ୧୧ ହଜାର ବର୍ଷର ଭାରତର ସମୃଦ୍ଧ କୃଷି ଐତିହ୍ୟ ବିଷୟରେ ବର୍ଣ୍ଣନା କରିଥିଲେ।



ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ଅମରେନ୍ଦ୍ର ନାରାୟଣ ମିଶ୍ର ଏଭଳି ଏକ ଉପଯୁକ୍ତ ସମ୍ମିଳନୀ ଆୟୋଜନ କରିଥିବାରୁ ବିଶ୍ୱବିଦ୍ୟାଳୟକୁ ପ୍ରଶଂସା କରିଥିଲେ। ଏହି ସମ୍ମିଳନୀ ପ୍ରକ୍ରିୟା ଫଳପ୍ରଦ ଫଳାଫଳ ଆଣିବ ବୋଲି ସେ ଆଶା ବ୍ୟକ୍ତ କରିଛନ୍ତି। ଜୈବ ବିବିଧତା ଗବେଷଣା ପାଇଁ କୋରାପୁଟ ହେଉଛି ସର୍ବୋତ୍ତମ ସ୍ଥାନ ବୋଲି ପ୍ରଫେସର ଅଧିକାରୀ କହିଠିଏଲ । ଜୈବ ବିବିଧତା ବିଷୟ ଭାରତୀୟ ବିଶ୍ୱବିଦ୍ୟାଳୟଗୁଡ଼ିକରେ କୌଣସି ସ୍ଥାନରେ ଉପଲବ୍ଧ ନାହିଁ। ତେଣୁ ଏ ଅଞ୍ଚଳ ତଥା ଭାରତବର୍ଷ ପାଇଁ ଏହା ଅତ୍ୟନ୍ତ ଗୁରୁତ୍ୱପୂର୍ଣ। ବିଶ୍ୱବିଦ୍ୟାଳୟର ଭାରପ୍ରାପ୍ତ କୁଳସଚିବ ପ୍ରଫେସର ନରସିଂହ ଚରଣ ପଣ୍ଡା କହିଥିଲେ ଯେ କୃଷି ବିକାଶ କ୍ଷେତ୍ରରେ ଭାରତୀୟ ପାରମ୍ପରିକ ବ୍ୟବସ୍ଥା ବିଶ୍ୱର ଶ୍ରେଷ୍ଠ ବ୍ୟବସ୍ଥା। ସେ ଆମ ପ୍ରାଚୀନ ପୁରାଣର କୃଷି ପରାଶରର ଉଦାହରଣ ଦେଇଥିଲେ ଯେଉଁଠାରେ କୃଷି ବିଷୟରେ ଉଲ୍ଲେଖ ଅଛି। ସେବେଠାରୁ ଆମେ ଚାଷ କାର୍ଯ୍ୟ କରିଆସୁଛୁ।

ସମ୍ମିଳନୀର ଆବାହକ ତଥା ପ୍ରଫେସର ଦେବବ୍ରତ ପଣ୍ଡା ସମସ୍ତ ଅତିଥିଙ୍କୁ ସ୍ୱାଗତ କରିବା ସହ ପ୍ରାରମ୍ଭିକ ବିବରଣୀ ପ୍ରଦାନ କରିଥିଲେ। ଡ. କାକୋଲି ବାନାର୍ଜୀ ଧନ୍ୟବାଦ ଅର୍ପଣ କରିବା ସହ ଉଦ୍ ଘାଟନୀ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଶ୍ୱବିଦ୍ୟାଳୟର ପରାମର୍ଶଦାତା ଶିକ୍ଷାବିତ୍ ପ୍ରଫେସର ଭିସି ଝା, ପ୍ରଫେସର ଏମ୍ କେ ଶତପଥୀ, ନାଇଜେରିଆର ଡ. ବୋଲଗୁନ ଶାମସୁଦିନ ଟାମିୱା, ପ୍ରଫେସର ଏମ୍ ଭେଟ୍ରିଭେନ୍ଥାନ୍ ଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି, ଅଧ୍ୟାପକ, ଛାତ୍ରଛାତ୍ରୀ ଓ ଗବେଷକ ମାନେ ଉପସ୍ଥିତ ଥିଲେ। ଏହି ଅବସରରେ କୋରାପୁଟର ଦୁଇ ଜଣ ବିଶିଷ୍ଟ ବ୍ୟକ୍ତିଙ୍କୁ ସ୍ଥାନୀୟ ଅଞ୍ଚଳର ଜୈବ ବିବିଧତା ସଂରକ୍ଷଣ ଓ କୃଷି କ୍ଷେତ୍ରରେ ଅବଦାନ ପାଇଁ ସମ୍ବର୍ଦ୍ଧିତ କରାଯାଇଥିଲା। ସେମାନେ ହେଲେ ପାତ୍ରପୁଟ ଗ୍ରାମର ବିଶିଷ୍ଟ କୃଷକ-ସହ ସଂରକ୍ଷକ ଶ୍ରୀ ନେତ୍ରାନନ୍ଦ ଲେଙ୍କା ଓ ବାଜରା ସଂରକ୍ଷଣକ୍ଷେତ୍ରରେ ଅବଦାନ ପାଇଁ ଶ୍ରୀମତୀ ରାଇମତୀ ଘିଉରିଆ।

ଦୁଇ ଦିନିଆ ଏହି ସମ୍ମିଳନୀରେ ୫ଟି ବୈଷୟିକ ଅଧିବେଶନ ଅନୁଷ୍ଠିତ ହେବ ଯେଉଁଥିରେ ଦେଶ ତଥା ବିଦେଶ ରେ ଥିବା ବିଶ୍ୱବିଦ୍ୟାଳୟ ଓ ଗବେଷଣା ଅନୁଷ୍ଠାନର ପ୍ରଫେସର ଓ ବୈଜ୍ଞାନିକମାନେ ପେପର ଉପସ୍ଥାପନ କରିବେ। ବିଭିନ୍ନ ଅନୁଷ୍ଠାନର ଅଧ୍ୟାପକ ଓ ଗବେଷକମାନେ ମଧ୍ୟ ପୋଷ୍ଟର ଉପସ୍ଥାପନା ମାଧ୍ୟମରେ ସେମାନଙ୍କ ଗବେଷଣା ଫଳାଫଳ ଉପସ୍ଥାପନ କରିବେ। କୋରାପୁଟର ସମୃଦ୍ଧ ଜୈବ ବିବିଧତା ଏବଂ କୃଷି ଐତିହ୍ୟ ପାଇଁ କୋରାପୁଟ ଅଞ୍ଚଳର ଗୁରୁତ୍ୱ ଉପରେ ଆଲୋକପାତ କରିବା ପାଇଁ କୋରାପୁଟର ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନର ଅଂଶଗ୍ରହଣରେ ଏକ ମାଣ୍ଡିଆ ପ୍ରଦର୍ଶନୀ ମଧ୍ୟ ଆୟୋଜନ କରାଯାଇଥିଲା ବୋଲି ବିଶ୍ୱବିଦ୍ୟାଳୟର ଜନସମ୍ପର୍କ ଅଧିକାରୀ ଡ. ଫଗୁନାଥ ଭୋଇ ଜଣାଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଜୈବ ବିବିଧତା ଓ ପ୍ରାକୃତିକ ସମ୍ପଦ ସଂରକ୍ଷଣ ବିଦ୍ୟାଳୟର ଡିନ୍ ତଥା ସମ୍ମିଳନୀର ଅଧ୍ୟକ୍ଷ ପ୍ରଫେସର ଶରତ କୁମାର ପାଲିତା ଓ ସହ-ଆବାହକ ଡ. କାକୋଲି ବାନାର୍ଜୀ ପ୍ରମୁଖ ମଞ୍ଚାସୀନ ଥିଲେ।

← ପୂର୍ବବର୍ତ୍ତୀ ଖବର
ପ୍ରଥମ ପର୍ଯ୍ୟାୟରେ ୬୦% ମତଦାନ, ୬ଟି ଜିଲ୍ଲାରେ କେହି ଆସିଲେନି ଭୋଟ ଦେବାକୁ

ପରବର୍ତ୍ତୀ ଖବର →
୨୭ବର୍ଷର ସଂପର୍କ ଛିନ୍ନ କରି ବିଜେଡି ଛାଡ଼ିଲେ ବିନ୍ଦୁରାଣୀ ମିଶ୍ର

ସମ୍ବନ୍ଧିତ ଖବର




ଖଡ଼ିଆଲରେ କଳାବୈଶାଖୀର ତାଣ୍ଡବ: ଉପୁଡ଼ିଲା ଗଛ, ବର୍ଷାରେ




ବିବାହ ପୂର୍ବରୁ ସୁନିତାଙ୍କୁ ଏହି ପ୍ରଶ୍ନ ପଚାରିଥିଲେ ଅରବିନ୍ଦ କେଜ୍ରିୱାଲ




କେଜ୍ରିୱାଲଙ୍କୁ ତିହାର ଜେଲରେ 'ଧୀର ମୃତ୍ୟୁ' ଆଡକୁ ଠେଲି




ଛତିଶଗଡ଼ ମଦ ଦୁର୍ନୀତି ମାମଲାରେ ଅବସରପ୍ରାପ୍ତ ଆଇଏଏସ୍ ଅଫିସର